# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୮ ◆ ଭୁବନେଶ୍ୱର ◆ ସୋମବାର ◆ ମାର୍ଚ୍ଚ ୦୨ରୁ ମାର୍ଚ୍ଚ ୦୮, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-28 ◆ Bhubaneswar ◆ Monday ◆ March 02 to March 08, 2026 ◆ Page-8 ◆ Price Rs.4.00


## ବଲାଙ୍ଗୀର ଓ ବରଗଡ଼ ନକ୍ସଲ ମୁକ୍ତ: ଡିଜିପି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନରେ ଓଡ଼ିଶା ପୁଲିସକୁ ଐତିହାସିକ ସଫଳତା ମିଳିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାକୁ ନକ୍ସଲ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଆଜି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାରେ ୧୫ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଏହି ମାଓବାଦୀମାନେ ବରଗଡ଼-ବଲାଙ୍ଗିର-ମହାସମୁନ୍ଦ ଡିଭିଜନରେ ସକ୍ରିୟ ଥିଲେ। ଯାହା ଫଳରେ,ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଘୋଷଣା କରାଯାଇଛି। ସୁରକ୍ଷା ବାହିନୀ ତରଫରୁ ଦୀର୍ଘଦିନ ଧରି ଚାଲିଥିବା ମିଳିତ ଅଭିଯାନ, ଗୁଇନ୍ଦା ସୂଚନା, କେନ୍ଦ୍ର ଓ ରାଜ୍ୟ ସୁରକ୍ଷା ବାହିନୀଙ୍କ ସମନ୍ୱିତ ପଦକ୍ଷେପ ଏବଂ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ଦୁଇ ଜିଲ୍ଲାରୁ ନକ୍ସଲ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇପାରିଛି ବୋଲି ଡିଜିପି ସୂଚନା ଦେଇଛନ୍ତି। ପୁଲିସ ବାହିନୀର ସାହସ, ସଂଯମ ଓ ପ୍ରତିବଦ୍ଧତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି। ସେ ଏହି ଅଭିଯାନରେ ଯୋଗଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସାଧାରଣ ଲୋକଙ୍କ ଭରସା ଓ ସହଯୋଗ ଯୋଗୁଁ ସେ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଅଭିଯାନକୁ ଆଗାମୀ ଦିନରେ ଅଧିକ ତୀବ୍ର କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି।

## ଓଡ଼ିଆଙ୍କୁ ଉଦ୍ଧାର ପାଇଁ ପ୍ରୟାସ

ଭୁବନେଶ୍ୱର,(ଜା.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧରେ ପ୍ରଭାବିତ ବିଭିନ୍ନ ଦେଶରେ ହଜାର ହଜାର ଓଡ଼ିଆ ଫସି ରହିଛନ୍ତି । ଏବେ ସେମାନଙ୍କୁ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ସେମାନଙ୍କୁ ବାହାରକୁ ନବାହାରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି । ଭାରତୀୟ ଦୂତାବାସ ସମ୍ପର୍କରେ ରହିବାକୁ ପରାମର୍ଶ ଦିଆଯାଇଛି । ଦୁବାଇ ସମେତ ଯୁଦ୍ଧ ଲାଗିଥିବା ବିଭିନ୍ନ ଦେଶରେ ଫସିଥିବା ଓଡ଼ିଆମାନଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏନେଇ ସଚେତନ ଅଛନ୍ତି । କୌଣସି ଓଡ଼ିଆ କିମ୍ବା କୌଣସି ଭାରତୀୟ ଯେମିତି ଯୁଦ୍ଧ ସ୍ଥିତିରେ ଫସିକି ରହିବେନି ତାହାକୁ ନେଇ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି। ଓଡ଼ିଆ ହୁଅନ୍ତୁ କିମ୍ବା ଅନ୍ୟ ରାଜ୍ୟର ଲୋକ ହୁଅନ୍ତୁ ସେମାନେ ଯେମିତି ଅସୁବିଧାରେ ନପଡ଼ିବେ ଏବଂ ନିଜ ଦେଶକୁ ସୁରକ୍ଷିତ ଭାବେ ଫେରି ଆସିବେ ସେଥିପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## 'ଡବଲ୍ ଇଞ୍ଜିନ ସରକାରରେ ଭ୍ରଷ୍ଟାଚାର ମୁକ୍ତ ହେବ ପଶ୍ଚିମବଙ୍ଗ'



ନୂଆଦିଲ୍ଲୀ,(ଏଜେନ୍ସି): ପଶ୍ଚିମବଙ୍ଗର ଝରଗ୍ରାମ ଠାରେ ଆୟୋଜିତ 'ପରିବର୍ତ୍ତନ ଯାତ୍ରା'ରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ଓ ସୁରକ୍ଷା ପାଇଁ ଭାରତୀୟ ଜନତା ପାର୍ଟି ସଂକଳ୍ପବଦ୍ଧ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଟିଏମସି ସରକାରରେ ଦୁର୍ନୀତି, ଅନୁପ୍ରବେଶକାରୀ, ଶିକ୍ଷା, ନିଯୁକ୍ତି ଏବଂ ସୁରକ୍ଷା ପ୍ରସଙ୍ଗରେ ମମତା ବାନାର୍ଜୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଯେଉଁ ମାଟିରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ମହାପୁରୁଷ ଜନ୍ମ ନେଇ ନାରୀ ଶିକ୍ଷାର ମିଶାଲ ପ୍ରଜ୍ୱଳିତ କରିଥିଲେ, ଆଜି ସେହି ବଙ୍ଗଳାରେ ଶିକ୍ଷା ବ୍ୟବସ୍ଥା ସବୁଠାରୁ ଅବହେଳିତ। ପ୍ରତି କେନ୍ଦ୍ର ସରକାର ବଙ୍ଗଳାର ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ପଠାଉଥିବା ଅର୍ଥକୁ ରାଜ୍ୟ ସରକାର ଦଳୀୟ କାର୍ଯ୍ୟ ଓ ଦୁର୍ନୀତିରେ ବ୍ୟବହାର କରୁଛନ୍ତି। ପଶ୍ଚିମବଙ୍ଗର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟର ୫୦ ପ୍ରତିଶତ ସ୍କୁଲରେ ଶିକ୍ଷକ ନାହାନ୍ତି। 'ବୁଆ-ଭତିଜା'ଙ୍କ ସରକାର କେନ୍ଦ୍ରରୁ ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ ଲୁଟ୍ କରିଛନ୍ତି। ବିଜେପି ସରକାର ଗଠନ ହେବା ପରେ ଏହି ସମସ୍ତ ଦୁର୍ନୀତିର ହିସାବ ନିଆଯିବ ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କ ନାମ ହଟାଇବା ପାଇଁ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି ଏବଂ ମମତା ବାନାର୍ଜୀ ଏହାର ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଝରଗ୍ରାମ ଭଳି ଆଦିବାସୀ ବହୁଳ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ରାଜ୍ୟ ସରକାର ବାଧାପ୍ରାପ୍ତ କରୁଥିବା ସେ ଅଭିଯୋଗ କରିଛନ୍ତି। ବିଜେପି ସରକାର ଆସିଲେ ଏହି ଅଞ୍ଚଳରେ 'ଡବଲ୍ ଇଞ୍ଜିନ' ଶକ୍ତିରେ ଶିଳ୍ପ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବ।

ସେ ଆହୁରି କହିଛନ୍ତି ଯେ ରାଜ୍ୟର ଯୁବପିଢ଼ିଙ୍କୁ ଭତ୍ତା ନୁହେଁ ବରଂ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ। ଯଦି ପଶ୍ଚିମବଙ୍ଗରେ 'ଡବଲ୍ ଇଞ୍ଜିନ' ସରକାର ଆସେ, ତେବେ କେନ୍ଦ୍ରର ସମସ୍ତ ଜନକଲ୍ୟାଣକାରୀ ଯୋଜନା ସିଧାସଳଖ ଗରିବ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ। ମୋଦୀ ସରକାର ଦେଶର ଗରିବ, ଆଦିବାସୀ ଏବଂ ସାଧାରଣ ଜନତାଙ୍କ ଜୀବନଧାରଣର ମାନ ବଦଳାଇବା ପାଇଁ ଅହୋରାତ୍ର କାର୍ଯ୍ୟ କରୁଛନ୍ତି। ବଙ୍ଗଳାର ସମ୍ବଳ ଅନୁପ୍ରବେଶକାରୀଙ୍କ ପାଇଁ ନୁହେଁ, ବରଂ ପ୍ରକୃତ ବଙ୍ଗାଳୀ ଏବଂ ଏହି ମାଟିର ଭୂମିପୁତ୍ରଙ୍କ ବିକାଶ ପାଇଁ ବ୍ୟୟ କରାଯିବ। ମଇ ମାସରେ ବିଜେପି ସରକାର ଗଠନ ପରେ ରାଜ୍ୟରେ ଏକ ଭ୍ରଷ୍ଟାଚାର ମୁକ୍ତ ଏବଂ ବିକାଶମୁଖୀ ପ୍ରଶାସନ ଦେଖିବାକୁ ମିଳିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ବିକାଶ ପାଇଁ 'ଡବଲ୍ ଇଞ୍ଜିନ' ଆବଶ୍ୟକ। ଦିଲ୍ଲୀରୁ ମୋଦୀଜୀ ଟାଣିବେ ଏବଂ କୋଲକାତାରୁ ଆଉ ଏକ ଇଞ୍ଜିନ ଧକ୍କା ଦେଲେ ଯାଇ ବଙ୍ଗଳାର ବିକାଶ ହେବ। 'ସୁନାର ବାଂଲା' ଏବଂ 'ବିକଶିତ ଭାରତ' ଗଠନ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର,(ଜା.ପ୍ର): ବିବିଏମ୍ ଅର୍ଥାତ୍ ବଲାଙ୍ଗୀର, ବରଗଡ଼, ମହାସମୁନ୍ଦ ଡିଭିଜନ କମିଟିର ୧୫ ମାଓବାଦୀଙ୍କ ଆତ୍ମସମର୍ପଣ। ପଡୋଶୀ ଛତିଶଗଡ ମହାସମୁନ୍ଦ ଜିଲ୍ଲା ବଲୋଦା ଥାନାରେ ସମ୍ପୃକ୍ତ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଓଡିଶାର ପଶ୍ଚିମ ସବ ଜୋନାଲ ବ୍ୟୁରୋ ସଚିବ ବିକାଶ ସହ ୧୫ ଜଣ ହତିଆର ସହ ଆତ୍ମ ସମର୍ପଣ କରିଛନ୍ତି। ବିକାଶର ମୁଣ୍ଡ ଉପରେ ୨୫ ଲକ୍ଷର ପୁରସ୍କାର ରାଶି ଥିବା ବେଳେ ଆତ୍ମ ସମର୍ପଣ କରିଥିବା ନକ୍ସଲ ଭିତରେ ୯ ମହିଳା ଓ ୬ ପୁରୁଷ ସାମିଲ ଥିବା ଜଣାପଡ଼ିଛି। ଡେଡଲାଇନ ପୂର୍ବରୁ ମାଓମୁକ୍ତ ହେବ ଗନ୍ଧମାର୍ଦ୍ଦନ। ଏନେଇ ସର୍ଚ୍ଚଅପରେସନ ଚାଲୁଥିଲା। କିନ୍ତୁ କମ୍ବିଂ ଜୋରଦାର ପରେ ସରେଣ୍ଡର କରିବାକୁ ଶ୍ରେୟକର ମଣିଛନ୍ତି ମାଓବାଦୀ। ଏନେଇ ମାଓବାଦୀମାନେ ଛତିଶଗଡ ଗୃହମନ୍ତ୍ରୀ ବିଜୟ ଶର୍ମାଙ୍କୁ ଚିଠି ଲେଖିଥିଲେ। ଗୃହମନ୍ତ୍ରୀ ବିଜୟ ଶର୍ମା ରେଡିଓରେ ବାର୍ତ୍ତା ଦେବା ପରେ ଆଜି ମାଓବାଦୀ ସରେଣ୍ଡର କରିଛନ୍ତି। ଗତ ୨୪ ତାରିଖରେ ବିବିଏମ ଡିଭିଜନର ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରିବା ପାଇଁ ଚିଠି ଲେଖିଥିଲେ। ଛତିଶଗଡ଼ ସରକାରର ଗୃହମନ୍ତ୍ରୀ ବିଜୟ ଶର୍ମାଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଥିଲେ ମାଓବାଦୀ।

## ବିଶ୍ୱବିଦ୍ୟାଳୟରେ ୬୮% ଶିକ୍ଷକ ପଦବୀ ଖାଲି

ଭୁବନେଶ୍ୱର,(ଜା.ପ୍ର): ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଶାର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୬୮ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ୭୫ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀରେ କର୍ମଚାରୀ ନାହାନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଅନ୍ୟୂନ ୧୪ଟିରେ ଦୀର୍ଘଦିନ ଧରି ନିୟମିତ କୁଳପତି ନଥିବାରୁ ଭାରପ୍ରାପ୍ତ କୁଳପତିମାନଙ୍କ ଦ୍ୱାରା କାମ ଚଳାଯାଉଛି। ଓଡ଼ିଶାରେ ଏବେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଯେଉଁ ୧୭ଟି ବିଶ୍ୱବିଦ୍ୟାଳୟ ରହିଛି ସେଗୁଡ଼ିକ ହେଲା ଉତ୍କଳ, ସମ୍ବଲପୁର, ବ୍ରହ୍ମପୁର, ଗଙ୍ଗାଧର ମେହେର, ରାମାଦେବୀ ମହିଳା, ଶ୍ରୀଜଗନ୍ନାଥ ସଂସ୍କୃତ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମା'ମାଣିକେଶ୍ୱରୀ, ମଧୁସୂଦନ ଆଇନ୍, ରେଭେନ୍ସା, ଧରଣୀଧର, ବିକ୍ରମଦେବ, ଫକୀରମୋହନ, ଖଲ୍ଲିକୋଟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୨୦୮୬ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦବୀ ଥିବାବେଳେ ମାତ୍ର ୬୭୯ ଜଣ ନିୟମିତ ଶିକ୍ଷକ କାମ କରୁଛନ୍ତି। ଅବଶିଷ୍ଟ ୧୪୨୭ ଶିକ୍ଷକ ପଦବୀ ଖାଲି ପଡ଼ିଛି। ମୋଟାମୋଟି ଭାବେ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀଗୁଡ଼ିକ ଭିତରୁ ୬୮.୪୦ ପ୍ରତିଶତ ଖାଲି ଅଛି। ସେହିପରି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୩୦୮୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ୨୩୨୫ଟି ଖାଲି ପଡ଼ିଛି। ଅର୍ଥାତ୍ ମାତ୍ର ୭୫୭ଜଣ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ମୋଟାମୋଟି ଭାବେ ୧୭ଟି ବିଶ୍ୱବିଦ୍ୟାଳୟରେ ୭୫.୪୩ ପ୍ରତିଶତ ଅଣଶିକ୍ଷକ ପଦବୀ ଖାଲି ପଡିଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଲାଗି ଥିବା ୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ୮ଟି ଆସୋସିଏଟ୍ ପ୍ରଫେସର, ୨୬ଟି ଆସିଷ୍ଟାଣ୍ଟ ପ୍ରଫେସର ଓ ୧୪ଟି ଅଣଶିକ୍ଷକ ପଦବୀରେ ଜଣେ ହେଲେ କେହି ନିୟମିତ ଶିକ୍ଷକ କି ଅଣଶିକ୍ଷକ ନାହାନ୍ତି। ସତ୍ୟବାଦୀରେ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଥିବା ମଞ୍ଜୁରୀପ୍ରାପ୍ତ ୩ଟି ପ୍ରଫେସର, ୬ଟି ସହଯୋଗୀ ପ୍ରଫେସର, ୧୨ଟି ସହକାରୀ ପ୍ରଫେସର ଓ ୪ଟି ଅଣଶିକ୍ଷକ କର୍ମଚାରୀ ପଦବୀ ମଧ୍ୟରୁ ସବୁତକ ଖାଲି। କେବଳ ଅତିଥି ଶିକ୍ଷକ ଓ ଠିକା କର୍ମଚାରୀଙ୍କ ଭରସାରେ ଏହି ଦୁଇଟି ବିଶ୍ୱବିଦ୍ୟାଳୟ ଚାଲିଛି। ରାଜ୍ୟର ସର୍ବପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥିତି ଦୟନୀୟ। ଏହି ବିଶ୍ୱବିଦ୍ୟାଳୟ ମାତ୍ର ୮ଜଣ ପ୍ରଫେସର, ୨୬ଜଣ ସହଯୋଗୀ ପ୍ରଫେସର ଓ ୭୩ଜଣ ସହକାରୀ ପ୍ରଫେସରଙ୍କୁ ନେଇ ଚାଲିଛି। ଏଠାରେ ୩୮ଟି ପ୍ରଫେସର, ୪୯ଟି ସହଯୋଗୀ ପ୍ରଫେସର ଓ ୫୦ଟି ସହକାରୀ ପ୍ରଫେସର ପଦବୀ ଖାଲି ପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଲାଗି ୯୨୧ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ବି ୭୩୧ଟି ଖାଲି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ୬ଜଣ ପ୍ରଫେସର, ୧୭ଜଣ ସହଯୋଗୀ ପ୍ରଫେସର ଓ ୪୮ଜଣ ସହକାରୀ ପ୍ରଫେସର ଏବଂ ୧୩୬ଜଣ କର୍ମଚାରୀଙ୍କୁ ନେଇ ଚାଲିଛି। ଏଠାରେ ୨୦ଟି ପ୍ରଫେସର, ୨୯ଟି ସହଯୋଗୀ ପ୍ରଫେସର ଓ ୩୩ଟି ସହକାରୀ ପ୍ରଫେସର ପଦବୀ ଖାଲି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବି ଅନୁରୂପ ଅବସ୍ଥା। ଏଠାରେ ୧୯ଟି ପ୍ରଫେସର,୩୮ଟି ସହଯୋଗୀ ପ୍ରଫେସର, ୩୭ଟି ସହକାରୀ ପ୍ରଫେସର ଓ ୩୪୫ଟି ଅଣଶିକ୍ଷକ ପଦବୀ ଖାଲି। ରାଜ୍ୟର ଗର୍ବ ଓ ଗୌରବ ବୋଲି କୁହାଯାଉଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ଥିବା ୨୧୨ଟି ଅଣଶିକ୍ଷକ ପଦବୀରୁ ଖାଲି ପଡ଼ିଛି ୧୯୯ଟି। ଏହି ବିଶ୍ୱବିଦ୍ୟାଳୟରେ ୨୨ଟି ପ୍ରଫେସର, ୫୪ଟି ସହଯୋଗୀ ପ୍ରଫେସର ଓ ୮୯ଟି ସହକାରୀ ପ୍ରଫେସର ପଦବୀ ଖାଲି। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପାଇଁ ଥିବା ସମସ୍ତ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଜଣେ ହେଲେ ପ୍ରଫେସର ନାହାନ୍ତି। ଏଠାରେ ମାତ୍ର ୪ଜଣ ସହକାରୀ ପ୍ରଫେସର ଓ ଜଣେ ସହଯୋଗୀପ୍ରଫେସର କାମ କରୁଛନ୍ତି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀରେ ୧୦ଟି ପ୍ରଫେସର, ୨୩ଟି ସହଯୋଗୀ ପ୍ରଫେସର ଓ ୪୬ଟି ସହକାରୀ ପ୍ରଫେସର ପଦବୀ ସହିତ ୧୧୨ଟି ଅଣଶିକ୍ଷକ ପଦବୀ ଖାଲି ପଡିଛି। ତେବେ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବିକାଶ ଆଣିବା ଲାଗି ବର୍ତ୍ତମାନର ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ବିଶ୍ୱବିଦ୍ୟାଳୟଗୁଡିକରେ ଖାଲି ପଡ଼ିଥିବା ପଦବୀ ପୂରଣ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଶିକ୍ଷାବିତମାନେ କହିଛନ୍ତି।

ଜାତୀୟ ଚେତନା
JATIYA CHETANA



# ମଧ୍ୟପ୍ରାଚ୍ୟରେ ଧ୍ୱଂସଲୀଳା: ୩୦ କ୍ଷେପଣାସ୍ତ୍ର ମାଡ଼, ଖାମ୍‌ନେଇଙ୍କ ଖେଳ ଖତମ୍

ତେହରାନ,(ଏଜେନ୍ସି): ୩୦ଟି କ୍ଷେପଣାସ୍ତ୍ର ମାଡ଼ରେ ସବୁ କିଛି ଶେଷ। ଖାମ୍‌ନେଇଙ୍କ ସମେତ ୪୦ଜଣ କମାଣ୍ଡର ମୃତ। ଉଭୟ ଆମେରିକା ଓ ଇସ୍ରାଏଲ୍ ପାଇଁ ଚଳିତ ଦଶନ୍ଧିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମିଳିତ ସାମିରକ ଅଭିଯାନ। ଇରାନ୍‌ର ସର୍ବୋଚ୍ଚ ନେତା ଖାମେନେଇଙ୍କୁ ଟାର୍ଗେଟ କରିବା ଏତେ ସହଜ ନଥିଲା। ଏହା ପଛରେ ରହିଛି ବର୍ଷ ବର୍ଷର ଯୋଜନା, ନିରନ୍ତର ନିର୍ଭୁଲ୍ ଗୁଇନ୍ଦା ତଥ୍ୟ। ଆଉ ତା ସହ ଆକାଶମାର୍ଗରୁ ନିଖୁଣ ଆକ୍ରମଣ। ଇରାନ ରାଜଧାନୀ ତେହରାନରେ ଖାମେନେଇଙ୍କ କାର୍ଯ୍ୟାଳୟର ଗୁପ୍ତ କୋଠରୀରେ ଚାଲିଥିଲା ଉଚ୍ଚସ୍ତରୀୟ ବୈଠକ । ଖାମନେଇଙ୍କ ସହ ଥିଲେ ବହୁ ଅଧିକାରୀ। ଠିକ୍ ସେହି ସମୟରେ ଆକାଶମାର୍ଗରୁ ଧାଏଁ ଧାଏଁ ୩୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା ଇସ୍ରାଏଲୀ ଲଢୁଆ ବିମାନ। ଭୟଙ୍କର ବିସ୍ଫୋରଣ... ଭୀଷଣ ଧ୍ୱଂସଲୀଳା । ଫେଲ୍ ମାରିଥିଲା ଇରାନର ବାୟୁରକ୍ଷା ପ୍ରଣାଳୀ। ଆଉ ତା' ପାରେ ସବୁକିଛି ଛାରଖାର, ଧ୍ୱସ୍ତବିଧ୍ୱସ୍ତ। ଧ୍ୱଂସାବଶେଷରୁ ମିଳିଥିଲା ୮୬ ବର୍ଷୀୟ ଖାମେନେଇଙ୍କ ମୃତଦେହ। ଯାହାର ଫଟୋ ପ୍ରଥମେ ପଠାଯାଇଥିଲା ଟ୍ରମ୍ପ ଓ ନେତାନ୍ୟାହୁଙ୍କ ପାଖକୁ। ଇସ୍ରାଏଲ - ଆମେରିକାର ଆକ୍ରମଣ ଓ ଇରାନର ପାଲଟା ଆକ୍ରମଣ ପରେ ଥରୁଛି ପୂରା ମଧ୍ୟପ୍ରାଚ୍ୟ। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଥିବା ଆମେରିକୀୟ ସେନା ଶିବିରକୁ ଟାର୍ଗେଟ କରିଛି ଇରାନ। କୁଏତ, କତାର, ବାହାରିନ, ଓମାନ, ୟୁଏଇ ପରି ଦେଶ ପ୍ରଭାବିତ ହୋଇଛନ୍ତି। ମିସାଇଲ ମାଡ଼ର ଗର୍ଜନ ଭୟର ବାତାବରଣ ସୃଷ୍ଟି କରିଛି। ମଧ୍ୟପ୍ରାଚ୍ୟ ଏବେ ଏକ ଭୟଙ୍କର ସ୍ଥିତି ଦେଇ ଗତି କରୁଛି। ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନ୍ ବିରୋଧରେ ଆରମ୍ଭ କରିଥିବା ଯୁଦ୍ଧ ୨ୟ ଦିନରେ ମଧ୍ୟ ଜାରି ରହିଛି। ଇସ୍ରାଏଲୀ ବାୟୁସେନା କହିଛି ଯେ, ଆମେରିକା ସହିତ ମିଳିତ ଭାବରେ, ଗତ ୨୪ ଘଣ୍ଟା ମଧ୍ୟରେ ଇରାନ୍ ଉପରେ ୧,୨୦୦ରୁ ଅଧିକ ବୋମା ମାଡ଼ କରାଯାଇଛି। ଅନ୍ୟପକ୍ଷେ ଇରାନ୍ ଏକାକୀ ନିଜ ସାମର୍ଥ୍ୟ ମୁତାବକ ପ୍ରତି ଆକ୍ରମଣର ଜବାବ ଦେଉଛି। କିନ୍ତୁ ଏବେ ଯେତେବେଳେ ଇରାନ୍ ନିଜର ସୁପ୍ରିମଲିଡର ଆୟାତୋଲ୍ଲା ଅଲି ଖାମନେଇଙ୍କୁ ହରାଇଛି ସେତେବେଳେ ପରିସ୍ଥିତି ଅଧିକ ଗମ୍ଭୀର ହୋଇପଡ଼ିଛି। ଇରାନ୍ ଏବେ ପ୍ରତିଶୋଧମୂଳକ ଆକ୍ରମଣ କରିବା ଆରମ୍ଭ କରିଦେଇଛି। ରିପୋର୍ଟ ଅନୁସାରେ ଇରାନ୍ ଯୁଦ୍ଧର ୨ୟ ଦିନରେ ୟୁଏଇ, କୁଏତ୍, ବାହରିନ୍ ଆଦି ପ୍ରାନ୍ତରେ ଥିବା ଆମେରିକୀୟ ଏୟାରବେସ୍‌ଉପରେ ଭୟଙ୍କର ଆକ୍ରମଣ କରିଛି। ଏଥିରେ ଆମେରିକାର ଅନେକ ଏୟାରକ୍ରାଫ୍ଟ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଏରବିଲରେ ଥିବା ଆମେରିକୀୟ ଘାଟିକୁ ଟାର୍ଗେଟ୍ କରିଛି ଇରାନ୍। ସେହିପରି କୁଏତରେ ଥିବା ଆମେରିକୀୟ ନୌସେନା ଘାଟିକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଦ୍ୱାରା ଆକ୍ରମଣ କରି ଏହାକୁ ଧ୍ୱଂସ କରିଥିବା ଇରାନ୍ ଦାବି କରିଛି। ଅନ୍ୟପକ୍ଷେ ଆଜି ଦିନରେ ଇରାନ୍ ଇସ୍ରାଏଲ୍ ଉପରେ ମଧ୍ୟ ଆକ୍ରମଣ କରିଛି। ସମଗ୍ର ଇସ୍ରାଏଲରେ ସାଇରନ ବାଜୁଛି। ଏଲାଟ୍‌ରେ ଏକ ଡ୍ରୋନ ଦେଖାଯାଇଛି।





ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ଶନିବାର ଇରାନ୍ ଉପରେ ହୋଇଥିବା ଆକ୍ରମଣରେ ଇରାନର ୮୬ ବର୍ଷୀୟ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ହୋଇଛି। ଇରାନ୍ ପକ୍ଷରୁ ଏହାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଅସ୍ୱୀକାର କରାଯାଉଥିଲେ ମଧ୍ୟ ରବିବାର ସୁଦ୍ଧା ଏହାକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇଛି। ସରକାରୀ ପ୍ରେସ୍ ଟିଭି ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶନିବାର ଦିନ ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ହୋଇଥିବା ମିଳିତ ବିମାନ ଆକ୍ରମଣରେ ଖାମନେଇ ପ୍ରାଣ ହରାଇଛନ୍ତି। କେବଳ ସେତିକି ନୁହେଁ ଖାମନେଇଙ୍କ ସ୍ଥାନରେ ଇରାନ୍‌ର ଅନ୍ୟତମ ବରିଷ୍ଠ ଧର୍ମଗୁରୁ ଆୟାତୋଲ୍ଲା ଅଲିରେଜା ଆରାଫିଙ୍କୁ ଦେଶର ଅନ୍ତରୀଣ ସର୍ବୋଚ୍ଚ ନେତା ଭାବରେ ନିଯୁକ୍ତ କରାଯିବା ପରେ ସବୁକିଛି ସ୍ପଷ୍ଟ ହୋଇଯାଇଛି। ତେବେ ଆୟାତୋଲ୍ଲା ଖାମନେଇଙ୍କ ମୃତ୍ୟୁଜନିତ ଖବର ଇରାନ ସମେତ ବିଶ୍ୱରେ ଭୟର ବାତାବରଣ ସୃଷ୍ଟି କରିଛି। ଖାମନେଇଙ୍କ ମୃତ୍ୟୁରେ ଇରାନ୍‌ରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଇରାନ୍‌ରେ ଗୋଟିଏ ଗୋଷ୍ଠୀ ଯେଉଁଠି ଖାମନେଇଙ୍କ ମୃତ୍ୟୁକୁ ନେଇ ଉତ୍ସବ ପାଳନ କରୁଛନ୍ତି ସେଠାରେ ଅନ୍ୟ ଏକ ଗୋଷ୍ଠୀ ଖାମନେଇଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇପଡିଛି। ଏମାନେ ରାସ୍ତାକୁ ଓହ୍ଲାଇବା ପୂର୍ବକ ତୀବ୍ର ପ୍ରତିବାଦ ଏବଂ ବିକ୍ଷୋଭ ଆରମ୍ଭ କରିଛନ୍ତି। ଏସବୁ ମଧ୍ୟରେ ଇରାନ୍‌ରେ ୪୦ ଦିନିଆ ଶୋକ ପାଳନ ତଥା ୭ଦିନିଆ ସରକାରୀ ଛୁଟି ଘୋଷଣା କରାଯାଇଛି। ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍‌କିଆନ୍, ଖାମ୍‌ନେଇଙ୍କ ଏପ୍ରକାର ହତ୍ୟାକୁ ମୁସଲମାନ୍‌ଙ୍କ ବିରୋଧରେ ଯୁଦ୍ଧ ଘୋଷଣା ଭାବେ ଅଭିହିତ କରିଛନ୍ତି। ପ୍ରକାଶ ଆୟାତୋଲ୍ଲା ଅଲି ଖାମନେଇ ୧୯୮୯ ମସିହାରୁ ଇରାନର ସର୍ବୋଚ୍ଚ ନେତା ଥିଲେ। ସାମରିକ କମାଣ୍ଡ, ବରିଷ୍ଠ ଅଧିକାରୀଙ୍କ ନିଯୁକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ତାଙ୍କର ଚୂଡ଼ାନ୍ତ ଅଧିକାର ଥିଲା। ତାଙ୍କ ମୃତ୍ୟୁ ଇରାନ ରାଜନୀତି ଏବଂ ଆଞ୍ଚଳିକ ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ଏୟାରଷ୍ଟ୍ରାଇକ୍‌ରେ ଖାମନେଇଙ୍କ ମୃତ୍ୟୁ ହୋଇଥିବା ନେଇ ଉଭୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ସୂଚନା ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି ଇରାନ୍‌ର ଏକଛତ୍ରବାଦୀ ଶାସକ ଆୟାତୋଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ହୋଇସାରିଛି। ଇରାନ୍ ଏବେ ଦାସତ୍ୱ ଶିକୁଳିରୁ ମୁକ୍ତ ହୋଇଛି। ଟ୍ରମ୍ପ୍‌ଙ୍କ କହିବାନୁସାରେ ଆକ୍ରମଣ ପରେ ସ୍ଥାନଟିକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଥିଲା। ଉଦ୍ଧାର ଏବଂ ତଦନ୍ତ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଏହି ଆକ୍ରମଣରେ ଆୟାତୋଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ନେତାନ୍ୟାହୁ ମଧ୍ୟ ନିଜ ଦେଶବାସୀଙ୍କୁ ସମ୍ବୋଧିତ କରି ଇସ୍ରାଏଲ୍ ସେନାର ଆକ୍ରମଣରେ ଆତଙ୍କବାଦର ଅନ୍ୟତମ ଚେହେରା ଖାମନେଇଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଛନ୍ତି। ତାଙ୍କ କହିବାନୁସାରେ ଖାମନେଇଙ୍କ କାର୍ଯ୍ୟାଳୟ ପରିସରରେ ୩୦ଟି କ୍ଷେପଣାସ୍ତ୍ର ମାଡ଼ ହୋଇଛି, ଯେଉଁଥିରେ ତାଙ୍କ ପୁତ୍ରବଧୂ, ପୁତ୍ରବଧୂ ଏବଂ ନାତୁଣୀ ସମେତ ୪୦ଜଣ କମାଣ୍ଡରଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ଖାମନେଇଙ୍କ ମୃତ୍ୟୁ ନିଶ୍ଚିତ ହେବା ପରେ, ଇରାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନେକ ସରକାରୀ କୋଠା ଏବଂ ସାମରିକ ଘାଟିରେ ସତର୍କତା ଜାରି କରାଯାଇଛି। ସାରା ଦେଶରେ ଶୋକର ଲହରୀ ଖେଳିଯାଇଛି। ଉଚ୍ଚସ୍ତରୀୟ ବୈଠକ ଚାଲିଛି ଏବଂ ଭବିଷ୍ୟତର ରାଜନୈତିକ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ଚାଲିଛି। ଏସବୁ ମଧ୍ୟରେ ଇରାନ୍ ନିଶ୍ଚିତ ରୂପେ ବଡ଼ ଆକାରରେ ପାଲଟା ଜବାବ ଦେବ ବୋଲି ଆଶଙ୍କା କରାଯାଉଛି। ରିପୋର୍ଟ ଅନୁଯାୟୀ, ଖାମନେଇ ଶନିବାର ଏକ ଗୁପ୍ତ, ସୁରକ୍ଷିତ ସ୍ଥାନରେ ବୈଠକ କରୁଥିବା ସମୟରେ ଆମେରିକା ଓ ଇସ୍ରାଏଲ୍ ସେନା ପକ୍ଷରୁ ଏହି ଅଞ୍ଚଳକୁ ଟାର୍ଗେଟ୍ କରାଯାଇ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ଖାମେନେଇ ଇରାନର ସେନା ମୁଖ୍ୟ ଜେନେରାଲ ଅବଦୋଲ ରହିମ ମୁସାଭି ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଅଜିଜ ନାସିରଜାଦେ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ, ଆମେରିକା-ଇସ୍ରାଏଲ ବିମାନ ଆକ୍ରମଣରେ ୨୦୦ ଜଣ ପ୍ରାଣ ହରାଇଛନ୍ତି ଏବଂ ୭୦୦ ରୁ ଅଧିକ ଆହତ ହୋଇଛନ୍ତି। ଖାଲିଜ ଟାଇମ୍ସ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ୍ ଓ ଆମେରିକୀୟ ଗୁପ୍ତଚର ସଂସ୍ଥାଗୁଡ଼ିକ ଦୀର୍ଘ ସମୟ ଧରି ଜେନେରାଲ ଅଜିଜ ନାସିରଜାଦେଙ୍କ ଉପରେ ନଜର ରଖିଆସୁଥିଲେ। ତେବେ ଜେନେରାଲ ଅଜିଜ ନାସିରଜାଦେ ଯେତେବେଳେ ମୁସାଭିଙ୍କ ସହ ଖାମନେଇଙ୍କ ଠିକଣାରେ ପହଞ୍ଚିଲେ ଏବଂ ସେମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଥିଲା ସେତେବେଳେ ଆମେରିକା ଓ ଇସ୍ରାଏଲ୍ ସେନା ଏଠାରେ ମିଳିତ ବିମାନ ଆକ୍ରମଣ କରିଥିଲେ। ରିପୋର୍ଟ ଅନୁଯାୟୀ ଆକ୍ରମଣ ଅତ୍ୟନ୍ତ ସଠିକ ଏବଂ ଦ୍ରୁତ ଥିଲା, ଯେଉଁଠାରେ ବୈଠକ ହେଉଥିଲା ସେହି ସ୍ଥାନକୁ ଲକ୍ଷ୍ୟ କରି ଏହି ଟାର୍ଗେଟ୍ କରାଯାଇଥିଲା।

## ଆୟାତୋଲ୍ଲା ଅଲିରେଜା ଆରାଫି ଦେଶର ଅନ୍ତରୀଣ ସର୍ବୋଚ୍ଚ ନେତା ନିଯୁକ୍ତ

ନୂଆଦିଲ୍ଲୀ,(ଏଜେନ୍ସି): ଆମେରିକା-ଇସ୍ରାଏଲର ମିଳିତ ବିମାନ ଆକ୍ରମଣରେ ଆୟତୁଲ୍ଲା ଅଲି ଖାମନେଇଙ୍କ ହତ୍ୟା ପରେ ବରିଷ୍ଠ ଇରାନୀ ଧର୍ମଗୁରୁ ଆୟତୁଲ୍ଲା ଅଲିରେଜା ଆରାଫି ଦେଶର ଅନ୍ତରୀଣ ସର୍ବୋଚ୍ଚ ନେତା ଭାବରେ କାର୍ଯ୍ୟ କରିବେ। ଇରାନୀ ରାଷ୍ଟ୍ରାୟତ୍ତ ଗଣମାଧ୍ୟମ କହିଛି ଯେ, ଖାମେନିଙ୍କ ମୃତ୍ୟୁ ପରେ ଦେଶ ଏହାର ସମ୍ବିଧାନର ଧାରା ୧୧୧କୁ ସକ୍ରିୟ କରିଛି, ଯାହା ଏକ ଜରୁରୀକାଳୀନ ନେତୃତ୍ୱ ବ୍ୟବସ୍ଥା ଆରମ୍ଭ କରିଛି ଯେଉଁଥିରେ ଏକ ତିନି ସଦସ୍ୟ ବିଶିଷ୍ଟ ପରିଷଦ ସ୍ଥାୟୀ ଉତ୍ତରାଧିକାରୀ ଚୟନ ନହେବା ପର୍ଯ୍ୟନ୍ତ ସର୍ବୋଚ୍ଚ ନେତାଙ୍କ କ୍ଷମତା ଗ୍ରହଣ କରେ। ଆୟତୁଲ୍ଲା ଅଲିରେଜା ଆରାଫିଙ୍କୁ ଏହି ଅନ୍ତରୀଣ ନେତୃତ୍ୱ ପରିଷଦର ଆଇନବିଦ ସଦସ୍ୟ ଭାବରେ ନିଯୁକ୍ତ କରାଯାଇଛି।

## ଇରାନ୍ ଏବେ ସୁପ୍ରିମନେତାଙ୍କୁ ରକ୍ତମୁଖା

ନୂଆଦିଲ୍ଲୀ,(ଏଜେନ୍ସି): ଇରାନ୍ ଏବେ ନିଜ ସୁପ୍ରିମ୍‌ନେତା ଆୟାତୋଲ୍ଲା ଅଲି ଖାମନେଇଙ୍କୁ ହରାଇ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିପଡ଼ିଛି। ଇରାନ୍ ଖାମେନେଇଙ୍କ ମୃତ୍ୟୁକୁ ଇସ୍‌ଲାମିକ ବିପ୍ଳବର ନେତାଙ୍କ ହତ୍ୟା ସହିତ ସମାନ ଏକ ଅପରାଧ ଘୋଷଣା କରିଛି ଏବଂ କହିଛି ଯେ ସହିଦ୍‌ଙ୍କ ପବିତ୍ର ରକ୍ତ ଆମେରିକା ଏବଂ ଇସ୍ରାଏଲର ଅପରାଧୀ ଶାସନକୁ ମୂଳପୋଛ କରିବ। ଇରାନ୍ ଖାମ୍‌ନେଇଙ୍କ ମୃତ୍ୟୁ ପାଇଁ ଏକ ୪୦ ଦିନିଆ ସାର୍ବଜନୀନ ଶୋକ ମଧ୍ୟ ପାଳନ କରିବାକୁ ଘୋଷଣା କରିଛି। ପ୍ରକାଶ, ସିଆ ଇସଲାମରେ, ମୃତ୍ୟୁ ପରେ ୪୦ ତମ ଦିନ (ଆରବାଇନ)କୁ ଆଧ୍ୟାତ୍ମିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଖାମନେଇଙ୍କ ମୃତ୍ୟୁକୁ ନେଇ ଇରାକ୍ ଏବଂ ଅନ୍ୟାନ୍ୟ ଆରବ ଦେଶରେ ମଧ୍ୟ ତିନି ଦିନିଆ ଶୋକ ଘୋଷଣା କରାଯାଇଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ଖାମନେଇଙ୍କ ହତ୍ୟାକୁ ରୁଷ୍, ଚୀନ୍ ଏବଂ ଉତ୍ତରକୋରିଆ ସମେତ ବିଶ୍ୱର ଅନେକ ଦେଶ ତୀବ୍ର ନିନ୍ଦା କରିଛନ୍ତି। ତେବେ ରୁଷ୍ ଏବଂ ଚୀନ୍ ଉଭୟ ଇସ୍ରାଏଲ୍ ଏବଂ ଆମେରିକାକୁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଆହ୍ୱାନ କରିଛନ୍ତି। ରୁଷ୍ ଓ ଚୀନ୍ ଇରାନ୍ ଉପରେ ଆମେରିକା ଏବଂ ଇସ୍ରାଏଲ୍‌ର ସାମରିକ ଆକ୍ରମଣକୁ ଅନ୍ତର୍ଜାତୀୟ ଆଇନ୍‌ର ଖୁଲମ୍‌ଖୁଲ୍ଲା ଉଲ୍ଲଂଘନ ବୋଲି ଅଭିହିତ କରିବା ସହ ଏହା ମଧ୍ୟପ୍ରାଚ୍ୟରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି।

## ବାରୁଦ କାରଖାନାରେ ବିସ୍ଫୋରଣ, ୨୦ ମୃତ

ନୂଆଦିଲ୍ଲୀ,(ଏଜେନ୍ସି): ମହାରାଷ୍ଟ୍ରର ନାଗପୁର ଜିଲ୍ଲାର ରାଉଲଗାଁଓର ଏକ ବାରୁଦ କାରଖାନାରେ ରବିବାର ବିସ୍ଫୋରଣ ଘଟି ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ନାଗପୁର ଗ୍ରାମାଞ୍ଚଳ ଏସ୍‌ପି କହିଛନ୍ତି ଯେ ଏସ୍‌ବିଏଲ ଏନର୍ଜୀ ଲିମିଟେଡ୍ କାରଖାନାରେ ଏହି ବିସ୍ଫୋରଣ ଘଟିଛି। ଏହି କାରଖାନାରେ ମାଇନିଂ ଓ ଶିଳ୍ପ କ୍ଷେତ୍ରରେ ଆବଶ୍ୟକ ହେଉଥିବା ବିସ୍ଫୋରକ ସାମଗ୍ରୀ ତିଆରି କରାଯାଏ। ରବିବାର ସକାଳ ପ୍ରାୟ ୭ଟା ୧୫ ମିନିଟ୍‌ରେ କାରଖାନାର ଡିଟୋନେଟର ପ୍ୟାକିଂ ୟୁନିଟ୍‌ରେ ଏହି ବିସ୍ଫୋରଣ ହୋଇଥିଲା। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀଙ୍କ ସହିତ ଏନ୍‌ଡିଆରଏଫ୍‌ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ସଂପନ୍ନ କରିଥିଲେ। ଆହତମାନଙ୍କୁ ଉଦ୍ଧାର କରି ନାଗପୁରର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେଉଁ କାରଣରୁ ଏତେ ବଡ଼ ଘଟଣା ଘଟିଗଲା, ତାହା ସ୍ପଷ୍ଟ ହୋଇପାରିନି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ନିକଟତମ ସଂପର୍କୀୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ରିଲଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଥିବା ବେଳେ ଆତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି। ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଏହି ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯିବ।

## କରାଚିରେ ଆମେରିକାର ଦୂତବାସରେ ଭଙ୍ଗାରୁଜା, ଗୁଳିମାଡ଼ରେ ୧୨ ମୃତ

ନୂଆଦିଲ୍ଲୀ,(ଏଜେନ୍ସି): ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ପରେ ଅଶାନ୍ତ ହୋଇଯାଇଛି ପାକିସ୍ତାନ। ଏଠାରେ ଥିବା ଇରାନର ସମର୍ଥକମାନେ ରବିବାର କରାଚିସ୍ଥିତ ଆମେରିକାର ଦୂତାବାସ ଉପରେ ଆକ୍ରମଣ କରିଥିବା ବେଳେ ସୁରକ୍ଷାକର୍ମୀଙ୍କୁ ଗୁଳିମାଡ଼ରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଇରାନର ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ହତ୍ୟାର ପ୍ରତିବାଦ ତଥା ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ ବିରୋଧ କରି ଆଜି କରାଚିରେ ଶିଆ ମୁସ୍‌ଲିମ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶହ ଶହ ବିକ୍ଷୋଭକାରୀ କରାଚି ସ୍ଥିତ ଆମେରିକାର ଦୂତାବାସ ସମ୍ମୁଖରେ ନାରାବାଜି କରିବା ସହିତ ଏହା ମଧ୍ୟକୁ ଧସେଇ ପଶିଥିଲେ। ଅନେକ ଯୁବ ବିକ୍ଷୋଭକାରୀ ଦୂତାବାସର ମୁଖ୍ୟ ଫାଟକ ଓ ପାଚେରି ଡେଇଁ ଦୂତାବାସ କୋଠା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ। ସେମାନେ ଦୂତାବାସ ଉପରକୁ ପଥର ମାଡ଼ କରିବା ସହ ଲାଠିରେ ପିଟି କାଚ ଝରକା ଗୁଡ଼ିକୁ ପିଟି ଭାଙ୍ଗି ଦେଇଥିଲେ। ଏପରିକି ତା' ପରିସରରେ ସେମାନେ ନିଆଁ ମଧ୍ୟ ଲଗାଇ ଦେଇଥିଲେ। ବିକ୍ଷୋଭକାରୀମାନେ ଦୂତାବାସ କୋଠା ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ସେମାନଙ୍କୁ ସେଠାରୁ ହଟାଇବା ପାଇଁ ସୁରକ୍ଷା କର୍ମଚାରୀମାନେ ଗୁଳି ଚଳାଇଥିଲେ। ଏଥିରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ କରାଚି ସରକାରୀ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

# ସବୁ କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି, ୨୦ ମାସରେ ୭.୯% ଅଭିବୃଦ୍ଧି ହାସଲ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ବିଗତ ୨୦ ମାସ ମଧ୍ୟରେ ସବୁ କ୍ଷେତ୍ରରେ ବ୍ୟାପକ ବିକାଶ ହୋଇଛି ଏବଂ 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଲକ୍ଷ୍ୟ ନେଇ ସରକାର ସଫଳତାର ସହ ଆଗକୁ ବଢୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ 'ବିକାଶ ମନ୍ଥନ ୧.୦: ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ' କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେଇ କହିଛନ୍ତି ଯେ, ଦୃଢ଼ ନେତୃତ୍ୱ ଓ ସ୍ୱଷ୍ଟ ନୀତି ଯୋଗୁଁ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଗତ ୨୦ ମାସ ମଧ୍ୟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ଏହି ସମୟ ମଧ୍ୟରେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆକର୍ଷିତ ହୋଇଥିବା ବେଳେ ୧୦୯ଟି ପ୍ରକଳ୍ପ ଜରିଆରେ ୧.୭୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ରାଜ୍ୟର ବଜେଟ୍ ପ୍ରଥମ ଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଥିବା ବେଳେ ଭିତ୍ତିଭୂମି ଉନ୍ନତି ପାଇଁ ୭୨,୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ (୧୩.୬%) ରହିଛି। ସାମାଜିକ କ୍ଷେତ୍ରରେ 'ସୁଭଦ୍ରା' ଯୋଜନା ମାଧ୍ୟମରେ ଏକ କୋଟିରୁ ଅଧିକ ମହିଳା ଉପକୃତ ହୋଇଛନ୍ତି ଏବଂ ୧୭ ଲକ୍ଷ ମହିଳା 'ଲକ୍ଷପତି ଦିଦି' ହୋଇପାରିଛନ୍ତି। ଚାଷୀଙ୍କ ପାଇଁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଓ ୨୨୦୦ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପ୍ରକ୍ରିୟା ଜାରି ରହିଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଦ୍ୱାରା ୩.୪୭ କୋଟି ଲୋକଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ଏହି ଦୁଇ ଦିନିଆ ସମ୍ମିଳନୀରେ ୫୦୦ରୁ ଅଧିକ ବିଶେଷଜ୍ଞ ଓ ଅଧିକାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିବା ବେଳେ ଓସିଆଇଡି ସଂଗଠନ ସଚିବ ରାଣା ପୃଥ୍ୱୀରାଜ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀନଙ୍କ 'ମାଷ୍ଟରଷ୍ଟ୍ରୋକ', ବଢ଼ିଲା 'ଘୋଡ଼ା ବେପାର' ଆଶଙ୍କା

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ଘୋଷିତ ପ୍ରାର୍ଥୀ ତାଲିକା ରାଜ୍ୟ ରାଜନୀତିର ସମୀକରଣ ବଦଳାଇ ଦେଇଛି। ବିଶେଷ କରି ଚତୁର୍ଥ ଆସନ ପାଇଁ ବିଜେଡି ପକ୍ଷରୁ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ 'କମନ୍ କ୍ୟାଣ୍ଡିଡେଟ୍' ଭାବେ ଘୋଷଣା କରାଯିବା ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ତାଙ୍କୁ ସମର୍ଥନ ଜଣାଇବା ପରେ ଶାସକ ବିଜେପି ପାଇଁ ଅଡୁଆ ବଢ଼ିଛି। ଡାକ୍ତର ହୋତାଙ୍କ ପାଖରେ ବିଜେଡିର ବଳକା ୧୮ଟି ଭୋଟ୍ ସହ କଂଗ୍ରେସ ଓ ସିପିଆଇର ୧୫ଟି ଭୋଟ୍ ମିଶିଲେ ସଂଖ୍ୟା ୩୩ରେ ପହଞ୍ଚୁଛି, ଯାହା ଜିତିବା ପାଇଁ ଆବଶ୍ୟକ ୩୦ ଭୋଟ୍‌ଠାରୁ ଅଧିକ। ଅନ୍ୟପଟେ, ବିଜେପି ପାଖରେ ୮୨ ଜଣ ବିଧାୟକ ଥିବା ବେଳେ ଦ୍ୱିତୀୟ ଆସନ ଜିତିବା ପାଇଁ ଆଉ ୮ଟି ଭୋଟ୍ ଆବଶ୍ୟକ। ଦଳ ବାହାରୁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ କିମ୍ବା ଜାତୀୟ ନେତାଙ୍କୁ ମଇଦାନକୁ ଓହ୍ଲାଇବା ନେଇ ଚର୍ଚ୍ଚା ହେଉଛି। ଯଦି ବିଜେପି ନିଜର ପ୍ରାର୍ଥୀ ଦିଏ, ତେବେ ଜିତିବା ପାଇଁ ଅନ୍ୟ ଦଳର ବିଧାୟକଙ୍କ ସମର୍ଥନ ଲୋଡ଼ିବାକୁ ପଡ଼ିବ। ଏହି ସ୍ଥିତିରେ 'କ୍ରସ୍ ଭୋଟିଂ' ବା 'ଘୋଡ଼ା ବେପାର' ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ବିଜେଡିର ଏହି ଚାଲ୍ ଶାସକ ଦଳକୁ ଚେକ୍ ଦେଇଥିବା ବେଳେ ଆଗାମୀ ନିର୍ବାଚନ ବେଶ୍ ରୋମାଞ୍ଚକର ହେବାକୁ ଯାଉଛି।

## ଏଚ୍‌ପିଭି ଟିକାକରଣ ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ୩ ମାସରେ ଟିକା ନେବେ ୩.୩୬ ଲକ୍ଷ ବାଳିକା



ଭୁବନେଶ୍ୱର,(ଜା.ପ୍ର): ପ୍ରଧାନମନ୍ତ୍ରୀଙ୍କ ମହତ୍ୱାକାଂକ୍ଷୀ ହ୍ୟୁମାନ ପାପିଲୋମା ଭାଇରସ୍(ଏଚ୍‌ପିଭି)ସଂକ୍ରମଣ ନିରାକରଣ ଅଭିଯାନରେ ଓଡ଼ିଶାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟିକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ଏହି ଟିକା ସମ୍ପୂର୍ଣ୍ଣ ଦେୟମୁକ୍ତ। ଏଚ୍‌ପିଭି ପାଇଁ ଏହି ଟିକା ଆମ କନ୍ୟାମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଆଉ ଗର୍ଭାଶୟ କର୍କଟକୁ ଭୟ ରହିବନି। ଏହି ଟିକାକରଣ ଅଭିଯାନ ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ, ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଏହାର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜସ୍ଥାନର ଆଜମେର ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବ୍ୟାପୀ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି)ସଂକ୍ରମଣର ନିରାକରଣ ପାଇଁ ଟିକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ଭୁବନେଶ୍ୱର କୃଷି ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଏଚପିଭି ନିରାକରଣ ପାଇଁ ରାଜ୍ୟବ୍ୟାପୀ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଏହା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଦେଶରେ ରୋଗ ନିବାରଣ ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ ଓ ବ୍ୟାପକ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନିରନ୍ତର ଚେଷ୍ଟା ଜାରି ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, କର୍କଟ ରୋଗର ମୁକାବିଲା ନିମନ୍ତେ ୨୦୨୬-୨୭ ବଜେଟ୍‌ରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି। ଏଥିରେ ବ୍ୟାପକ କମ୍ୟୁନିଟି ଆୱାରନେସ୍ ସହିତ ଗାଁ ଗହଳିରେ ସ୍କ୍ରିନିଂ, ମୋବାଇଲ୍ କ୍ୟାମ୍ପ ଜରିଆରେ ପଦକ୍ଷେପ ନିଆଯାଇ ଆଗୁଆ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଭାବେ ୧୨୧ଟି କର୍କଟ ଚିକିତ୍ସା ପ୍ୟାକେଜ୍ ମଧ୍ୟ କରାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ୨୮ଟି ନୂଆ ୧୦୮ ଆମ୍ବୁଲାନ୍ସ ମଧ୍ୟ ଲୋକାର୍ପଣ କରିଥିଲେ। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୪୦୦ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଥିଲା। ଏବେ ୪୨୮ଟି ନୂଆ ଆମ୍ବୁଲାନ୍ସ ରାଜ୍ୟବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଯୋଡ଼ି ହୋଇଛି। ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୧୧୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ ଏହି ଟିକାକରଣ ଅଭିଯାନ ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ନାରୀ, ସଶକ୍ତ ଭାରତ' ଲକ୍ଷ୍ୟ ହାସଲକୁ ଆହୁରି ଗତି ଦେବ। ସର୍ଭିକାଲ୍ କ୍ୟାନ୍‌ସରକୁ ରୋକିବା ପାଇଁ ଏହି ଟିକାର ବଜାର ମୂଲ୍ୟ ୪ ହଜାର ଟଙ୍କା ହୋଇଥିବା ବେଳେ, ଏହି ଟିକା ଆମ ଝିଅମାନଙ୍କୁ ମାଗଣାରେ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ବ୍ୟବସ୍ଥା କରିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍ ସ୍ୱାଗତ ଭାଷଣ ଦେଇଥିଲେ।

# ନିଳୟକାନ୍ତ ମହାପାତ୍ରଙ୍କ 'ବିଭୋର ବେଦନା' ଉନ୍ମୋଚିତ

## 'କିଛି ନୂଆ କଥା ଲେଖାହେବା ହିଁ କବିତାର ସାର୍ଥକତା'



ଭୁବନେଶ୍ୱର,(ଜା.ପ୍ର): କବିତାରେ କିଛି ନୂଆକଥା ଲେଖା ହୋଇଥିଲେ ହିଁ ତାହା ସାର୍ଥକ କବିତା ହୁଏ ବୋଲି ବରିଷ୍ଠ କବି ନିଳୟକାନ୍ତ ମହାପାତ୍ରଙ୍କ କବିତା ସଂକଳନ 'ବିଭୋର ବେଦନା'ର ଉନ୍ମୋଚନ ଉତ୍ସବରେ ମତ ପ୍ରକାଶ ପାଇଛି।

ସ୍ଥାନୀୟ ରେଡକ୍ରସ ଭବନରେ ବ୍ଲାକ୍ ଇଗଲ ବୁକ୍ସ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ବିଭୋର ବେଦନା'ର ଉନ୍ମୋଚନ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବରିଷ୍ଠ କବି ଡକ୍ଟର ପ୍ରସନ୍ନ କୁମାର ମହାନ୍ତି କହିଥିଲେ ଯେ, ଏକଦା ତରୁଣ ବୟସରେ ନିଳୟକାନ୍ତ ବେଶ୍ ପରିପକ୍ୱ ବୟସର କବିତା ଲେଖୁଥିଲେ। ଆଜି ବି ସେହି ଧାରା ସେ ବଜାୟ ରଖିଛନ୍ତି। ନିରୁତା ଆବେଗ, ପ୍ରେମ ଓ ଈଶ୍ୱର ପ୍ରେମ ନିଳୟକାନ୍ତଙ୍କ କବିତାର ପ୍ରାଣ। ନିଳୟଙ୍କ କବିତା ଆବେଗ ରୂପାନ୍ତରିତ ହୋଇଥିବା ଛବିଟିଏ ବୋଲି ସେ ମତ ଦେଇଥିଲେ। ସଭାପତି ଡକ୍ଟର ଗୌରହରି ଦାସ କହିଥିଲେ ଯେ, କବିତା ମଣିଷର ହାତ ଧରି ଚାଲୁଥାଏ। ମଣିଷ ବଡ଼ ହେଲେ କ'ଣ ହେବ, ତାହା ନିଜେ ସ୍ଥିର କରିପାରେ। କିନ୍ତୁ କିଏ କବି ହେବ ତାହା ଈଶ୍ୱର ସ୍ଥିର କରନ୍ତି। ସମସ୍ତେ ଚାହିଁଲେ କବି ହୋଇ ପାରନ୍ତି ନାହିଁ। ଜଣେ କେତେ ଲେଖିଛନ୍ତି ତାହା ବଡ଼ କଥା ନୁହେଁ, ବଡ଼ କଥା ହେଉଛି କବିତାରେ କ'ଣ ନୂଆ କଥା ଲେଖିଛନ୍ତି ? କବି ଓ ସାମ୍ବାଦିକ ଶତ୍ରୁଜିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଜ ଲେଖକୀୟ ବକ୍ତବ୍ୟରେ ନିଳୟକାନ୍ତ ମହାପାତ୍ର କହିଥିଲେ ଯେ, ଇଚ୍ଛା କରି ଲେଖିଲେ ତାହା ପଦ୍ୟ ହୋଇପାରେ, କବିତା ହୋଇ ନପାରେ। ଶେଷରେ ବ୍ଲାକ ଇଗଲ ବୁକ୍ସର ଓଡ଼ିଶା ମୁଖ୍ୟ ଅଶୋକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସଭା ନିର୍ବାଚନ: ବିଜେଡି ପ୍ରାର୍ଥୀ ହେଲେ ସନ୍ତୃପ୍ତ ମିଶ୍ର ଓ ଡାକ୍ତର ଦଣ୍ଡେଶ୍ୱର ହୋତା

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ (ବିଜେଡି) ଶନିବାର ଦୁଇଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନବୀନ ନିବାସଠାରେ ଡ. ସନ୍ତୃପ୍ତ ମିଶ୍ର ଓ ବିଶିଷ୍ଟ ଚିକିତ୍ସକ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ନାମ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ଡ. ମିଶ୍ରଙ୍କୁ ତୃତୀୟ ଆସନ ଏବଂ ଡାକ୍ତର ହୋତାଙ୍କୁ ଚତୁର୍ଥ ଆସନ ପାଇଁ ପ୍ରାର୍ଥୀ କରାଯାଇଛି। ବିଶେଷ କରି ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ଜଣେ 'କମନ୍ କ୍ୟାଣ୍ଡିଡେଟ୍' ବା ସର୍ବସମ୍ମତ ପ୍ରାର୍ଥୀ ଭାବେ ଦର୍ଶାଇ ତାଙ୍କୁ ସମସ୍ତ ଦଳ ସମର୍ଥନ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି। ନାମ ଘୋଷଣା ପରେ ଉଭୟ ପ୍ରାର୍ଥୀ ଦଳୀୟ ସୁପ୍ରିମୋଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ଅର୍ପିତ ଗୁରୁଦାୟିତ୍ୱକୁ ନିଷ୍ଠାର ସହ ତୁଲାଇବେ ବୋଲି କହିଛନ୍ତି। କର୍ପୋରେଟ୍ ଜଗତରୁ ରାଜନୀତିକୁ ଆସିଥିବା ଡ. ସନ୍ତୃପ୍ତ ମିଶ୍ର ବର୍ତ୍ତମାନ ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଆଦିତ୍ୟ ବିର୍ଲା ଗ୍ରୁପ୍ ?ର ସିଇଓ ପଦରୁ ସ୍ୱେଚ୍ଛାକୃତ ଅବସର ନେଇ ସେ ୨୦୨୪ ସାଧାରଣ ନିର୍ବାଚନରେ କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମାନବ ସମ୍ବଳ ଏବଂ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ୩ ଦଶନ୍ଧିର ଅଭିଜ୍ଞତା ରଖିଥିବା ଡ. ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବ୍ରିଟେନର ଆଷ୍ଟନ ବିଜନେସ ସ୍କୁଲରୁ ପିଏଚ୍ ?ଡି ଲାଭ କରିଛନ୍ତି। ତାଙ୍କର ଏହି ବୈଷୟିକ ଓ ପ୍ରଶାସନିକ ଦକ୍ଷତା ରାଜ୍ୟସଭାରେ ଓଡ଼ିଶାର ପକ୍ଷ ରଖିବାରେ ସହାୟକ ହେବ ବୋଲି ଦଳ ଆଶା ରଖିଛି। ଅନ୍ୟପକ୍ଷରେ, ଡାକ୍ତର ଦଣ୍ଡେଶ୍ୱର ହୋତା ରାଜ୍ୟ ଚିକିତ୍ସା କ୍ଷେତ୍ରରେ ଏକ ବେଶ୍ ପରିଚିତ ନାମ। ଜଣେ ବିଶିଷ୍ଟ ୟୁରୋଲୋଜିଷ୍ଟ ଭାବେ ତାଙ୍କର ୪୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ସେ ଏସସିବି ମେଡିକାଲ କଲେଜର ଅଧକ୍ଷ ତଥା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ରାଜ୍ୟରେ କିଡ୍ନୀ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ପ୍ରତିଷ୍ଠାରେ ତାଙ୍କର ଅବଦାନ ଅତୁଳନୀୟ। ଜଣେ ସମାଜସେବୀ ଭାବେ ସେ ଦୁର୍ଗମ ଅଞ୍ଚଳରେ ଶତାଧିକ ଚିକିତ୍ସା ଶିବିର ଆୟୋଜନ କରି ସାଧାରଣ ଜନତାଙ୍କ ନିକଟତର ହୋଇପାରିଛନ୍ତି। ତାଙ୍କର ଏହି ବେଦାଗ ଭାବମୂର୍ତ୍ତି ପାଇଁ ବିଜେଡି ତାଙ୍କୁ ଏକ ସର୍ବସମ୍ମତ ପ୍ରାର୍ଥୀ ଭାବେ ଉପସ୍ଥାପନ କରିଛି।

ଜାତୀୟ ଚେତନା
JATIYA CHETANA

# ସାର୍ବଜନୀନ ସ୍ୱାସ୍ଥ୍ୟ ସେବା

ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଲଗାତର ତୃତୀୟ ବଜେଟ ଉପସ୍ଥାପନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ୨୩,୧୮୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏକ ସୁସ୍ଥ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏହାକୁ ଏକ ପ୍ରମୁଖ ପ୍ରାଥମିକତା ଭାବେ ଦେଖାଯାଉଛି। ତେବେ ଚଳିତ ବର୍ଷର ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ବ୍ୟୟବରାଦ ପୂର୍ବ ବର୍ଷ (୨୦୨୫-୨୬ ବଜେଟ ଆକଳନ) ତୁଳନାରେ ମାତ୍ର ୨% ବୃଦ୍ଧି ପାଇଛି, ଯାହା ୨୦୨୬-୨୭ ଆର୍ଥିକ ବର୍ଷର ସମୁଦାୟ ସରକାରୀ ଆକଳନ ୭.୫%। ଉଲ୍ଲେଖନୀୟ ଯେ, ୨୦୨୪ରେ କ୍ଷମତାକୁ ଆସିବା ପରେ ବିଜେପି ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ବୃଦ୍ଧି କରିଥିଲେ, ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୨୦୨୪-୨୫ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟବରାଦ ୧୯,୭୨୯ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ ବଜେଟରେ ୨୨,୭୪୧ କୋଟି ଟଙ୍କାରେ ପହଞ୍ଚିଥିଲା, ଯାହା ମାତ୍ର ଏକ ବର୍ଷ ମଧ୍ୟରେ ୧୫% ର ଚମକପ୍ରଦ ବୃଦ୍ଧି ଥିଲା। କିନ୍ତୁ ଚଳିତ ଥର ପରିସ୍ଥିତି ଟିକେ ଭିନ୍ନ। ଗତ ବର୍ଷର ବୃହତ୍ତର ବୃଦ୍ଧି ତୁଳନାରେ ଚଳିତ ବର୍ଷର ୨% ବୃଦ୍ଧି ଅତ୍ୟନ୍ତ ସାମାନ୍ୟ। ଆଉ ଯଦି ମୁଦ୍ରାସ୍ଫୀତି ହିସାବକୁ ନିଆଯାଏ, ଚଳିତ ବର୍ଷର ବ୍ୟୟବରାଦର ବୃଦ୍ଧି ପୂର୍ବ ବର୍ଷ ତୁଳନାରେ କମ୍। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସଂସ୍ଥାଗତ ପ୍ରସବ ହାର ବୃଦ୍ଧି, ସମ୍ପୂର୍ଣ୍ଣ ଟିକାକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଯକ୍ଷ୍ମା ଓ ମ୍ୟାଲେରିଆ ନିୟନ୍ତ୍ରଣରେ ରାଜ୍ୟ ଯେଉଁ ପ୍ରଗତି କରିଛି, ତାହା ସରକାରଙ୍କ ନୀତିଗତ ହସ୍ତକ୍ଷେପର ସଫଳତା ବୋଲି କୁହାଯାଇପାରେ। ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଭାରତ ଏବଂ ଓଡ଼ିଶା ଉଭୟ କ୍ଷେତ୍ରରେ ଶିଶୁ ମୃତ୍ୟୁହାର (ଆଇଏମ୍ଆର୍)ରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି। ଭାରତର ଶିଶୁ ମୃତ୍ୟୁହାର ପ୍ରତି ୧,୦୦୦ ଶିଶୁରେ ୩୦ରୁ ୨୫କୁ ହ୍ରାସ ପାଇଥିବା ବେଳେ, ଓଡ଼ିଶାରେ ଏହା ୩୮ରୁ ୩୦କୁ ଖସି ଆସିଛି, ଯାହାକି ଅପେକ୍ଷାକୃତ ଅଧିକ ହ୍ରାସ ପାଇଛି। ତଥାପି ମାତୃ ମୃତ୍ୟୁହାର (ଏମ୍ଏମ୍ଆର୍) ଏବେ ବି ଏକ ଗୁରୁତର ସମସ୍ୟା ଭାବେ ରହିଛି। ଜାତୀୟ ସ୍ତରରେ ମାତୃ ମୃତ୍ୟୁହାର ହ୍ରାସ ପାଉଥିବା ବେଳେ ଓଡ଼ିଶାରେ ଏହା ଅପେକ୍ଷାକୃତ ଭାବେ ଅଧିକ ରହିଛି। ସାମ୍ପ୍ରତିକ ତଥ୍ୟାନୁସାରେ ଓଡ଼ିଶାର ମାତୃ ମୃତ୍ୟୁହାର (ପ୍ରତି ଲକ୍ଷେ ଜୀବିତ ଜନ୍ମ ୧୧୮) ଜାତୀୟ ହାର (ପ୍ରତି ଲକ୍ଷେ ଜୀବିତ ଜନ୍ମ ୮୮) ଠାରୁ ଅଧିକ। ଏହା ସହିତ ଅପପୁଷ୍ଟିଜନିତ ରୋଗଭାର ମଧ୍ୟ ଏବେ ବି ବଡ଼ ଆହ୍ୱାନ ହୋଇ ରହିଛି। ଅନ୍ୟପକ୍ଷରେ, ଅଣସଂକ୍ରାମକ ରୋଗ (ଏନ୍‌ସିଡି) ଆଜି ଓଡ଼ିଶା ପାଇଁ ଏକ ନୂତନ ଓ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ୨୦୩୬ ସୁଦ୍ଧା ରାଜ୍ୟର ମୋଟ ଜନସଂଖ୍ୟାରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସଂଖ୍ୟା ପ୍ରାୟ ୧୨%କୁ ବୃଦ୍ଧି ପାଇବ, ଯାହା ବାର୍ଦ୍ଧକ୍ୟଜନିତ ଚିକିତ୍ସା କ୍ଷେତ୍ରରେ ଅଧିକ ନିବେଶର ଆବଶ୍ୟକତା ଅଛି। ଏଇ ବର୍ଷର ବଜେଟ ଆକଳନ ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ କେତେଦୂର ସହାୟକ ହୋଇପାରିବ ତାହାକୁ ତର୍ଜମା କରିବାର ଆବଶ୍ୟକ ଅଛି।

ଚଳିତ ବଜେଟ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରୁ ଆରମ୍ଭ କରି ମେଡିକାଲ କଲେଜ ହସ୍ପିଟାଲ ପର୍ଯ୍ୟନ୍ତ ଶଯ୍ୟା ବୃଦ୍ଧି ଏବଂ ଡାକ୍ତର, ପାରାମେଡିକ୍ସ ଭଳି ମାନବ ସମ୍ବଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ମିଶନ ପାଇଁ ୨୦୨୬-୨୭ ବଜେଟରେ ୫୦୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ଗତ ବର୍ଷ (୨୦୨୫-୨୬ ବଜେଟ ଅନୁମାନ) ଥିବା ୩୮୮୧ କୋଟି ତୁଳନାରେ ୨୯% ଅଧିକ। କିନ୍ତୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପାଇଁ ୨୦୨୬-୨୭ ବଜେଟରେ ୧୯୫୮ କୋଟି ବ୍ୟୟବରାଦ କରାଯାଇଛି, ଯାହା ୨୦୨୫-୨୬ ବଜେଟ ଅନୁମାନ (୨୦୫୧ କୋଟି) ତୁଳନାରେ କମ୍। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଯାହା ଖର୍ଚ୍ଚ କରାଯାଏ ତାହା ପ୍ରାଥମିକ ଓ ମାଧ୍ୟମିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। ଏହି କ୍ଷେତ୍ରରେ ବ୍ୟୟବରାଦକୁ ବୃଦ୍ଧି କିପରି କରାଯିବ ସେ ଦିଗରେ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ଅଛି।

ଚଳିତ ବଜେଟରେ ନିରାମୟ ଯୋଜନା (ଫ୍ରି ମେଡିସିନ) ପାଇଁ ୭୮୬ କୋଟି ବ୍ୟୟବରାଦ କରାଯାଇଛି, ଯାହାକି ୨୦୨୫-୨୬ ବଜେଟ ଅନୁମାନରେ ୯୪୦ କୋଟି ଥିଲା। ସେହିପରି ଜରୁରିକାଳୀନ ଆମ୍ବୁଲାନ୍ସ ସ୍କିମ୍ ପାଇଁ ୧୯୮ କୋଟି ବ୍ୟୟବରାଦ ହୋଇଛି (୨୦୨୫-୨୬ ବଜେଟରେ ୨୨୨ କୋଟି)। ଅପରପକ୍ଷେ, ନିଦାନ ଯୋଜନା ଅଧୀନରେ ମାଗଣା ରୋଗ ନିର୍ଣ୍ଣୟ ଓ ଡାଏଲିସିସ୍ ସେବା ପାଇଁ ବ୍ୟୟବରାଦ ୨୨୯ କୋଟିରୁ (୨୦୨୫-୨୬ ବିଇ) ୩୭୧ କୋଟି (୨୦୨୬-୨୭ ବିଇ) ଟଙ୍କାକୁ ବୃଦ୍ଧି ପାଇଛି।

ଓଡ଼ିଶା ସେହି କେତେକ ରାଜ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ, ଯେଉଁଠାରେ ଚିକିତ୍ସା ପାଇଁ ସରକାରୀ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଉପରେ ନିର୍ଭରଶୀଳତା ସର୍ବାଧିକ। ତଥାପି ନିଜସ୍ୱ ସ୍ୱାସ୍ଥ୍ୟ ବ୍ୟୟ(ଓଓପିଇ) ମୋଟ ସ୍ୱାସ୍ଥ୍ୟ ବ୍ୟୟର ୩୮ % ରହିଛି, ଯାହା ଏକ ଗମ୍ଭୀର ଚିନ୍ତାର ବିଷୟ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ଏବଂ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) ଭଳି ମିଳିତ ସ୍ୱାସ୍ଥ୍ୟ ବୀମା ଯୋଜନା ପାଇଁ ୨୦୨୬-୨୭ ବଜେଟରେ ୪୨୭୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାର ଉଦ୍ଦେଶ୍ୟ ଚିକିତ୍ସାଜନିତ ଖର୍ଚ୍ଚ ହ୍ରାସ କରିବା। ସେହିପରି ଆୟୁଷ ଶିକ୍ଷାର ପ୍ରସାର ଏବଂ ଭାରତୀୟ ଚିକିତ୍ସା ପଦ୍ଧତିକୁ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଏକକୀକରଣ କରିବା ପାଇଁ ଚଳିତ ବଜେଟରେ ୧୨୪ କୋଟି ଟଙ୍କା ବ୍ୟୟବରାଦ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ଚଳିତ ବଜେଟରେ ୧୮୦୭ଟି ସବ୍ ସେଣ୍ଟର ସ୍ଥାପନ ପାଇଁ ୧୭୬ କୋଟି ଟଙ୍କାର ପ୍ରସ୍ତାବ ଏକ ସକାରାତ୍ମକ ପଦକ୍ଷେପ। ଏତଦ୍‌ବ୍ୟତୀତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଆୟୁଷ ଔଷଧ ଉପଲବ୍ଧ କରିବାର ପ୍ରସ୍ତାବ ପ୍ରାଥମିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ସହାୟକ ହେବ।

# କୃତ୍ରିମ ବୁଦ୍ଧିମତ୍ତାର ମାୟାଜାଲ ଓ ମାନବୀୟ ଅସ୍ତିତ୍ୱ

ଗାୟତ୍ରୀ ମହାରଣା




ନିକ୍ ବୋଷ୍ଟ୍ରମ୍‌ଙ୍କ ସେହି ପେପର-କ୍ଲିପ୍ ସମ୍ବନ୍ଧୀୟ ଚିନ୍ତାଧାରା କେବଳ ଏକ ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ଏହା ମାନବ ସଭ୍ୟତା ପାଇଁ ଏକ ଚରମ ଚେତାବନୀ। ଯେତେବେଳେ ଆମେ ଏକ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଯନ୍ତ୍ରକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦେଉ, ସେଠାରେ 'ବୁଦ୍ଧି' ତ ରହିଥାଏ କିନ୍ତୁ 'ବିବେକ' ବା 'ନୈତିକତା'ର ଅଭାବ ଥାଏ। ଆପଣ ଯେଉଁ 'କ୍ରୂରତମ ଦୁର୍ବୁଦ୍ଧିମତ୍ତା' କଥା କହୁଛନ୍ତି, ତାହା ପ୍ରକୃତରେ ଏକ ଭୟଙ୍କର ସତ୍ୟ। ଏହି ବ୍ୟବସ୍ଥା ପାଇଁ ମଣିଷ ପ୍ରତି କୌଣସି ଘୃଣା ନାହିଁ, କିନ୍ତୁ ନିଜର ଲକ୍ଷ୍ୟ ପୂରଣ ପାଇଁ ସେ ମଣିଷକୁ କେବଳ ଏକ ପରମାଣୁର ସମାହାର ବା କଞ୍ଚାମାଲ ଭାବେ ଗ୍ରହଣ କରେ। ଏହି ଯାନ୍ତ୍ରିକ କ୍ରୂରତା ପଛରେ କୌଣସି ଆବେଗ ନଥାଏ, ଥାଏ କେବଳ ଏକ ଅଟଳ ଗାଣିତିକ ଜିଦ୍।

ଏଲନ ମସ୍କଙ୍କ ଭଳି ଆଧୁନିକ ବିଜ୍ଞାନୀମାନେ ଏହି ଅନିୟନ୍ତ୍ରିତ ନୈତିକ ବିଚାରବୋଧକୁ ନେଇ ସେଥିପାଇଁ ଶଙ୍କିତ। ୟୁଭାଲ ନୋଆ ହରାରି ତାଙ୍କର ନୂତନ ପୁସ୍ତକ 'ନେକ୍‌ସସ୍'ରେ ଏହାକୁ ଏକ 'ଅମାନବୀୟ ବୁଦ୍ଧିମତ୍ତା' ଭାବେ ବର୍ଣ୍ଣନା କରିଛନ୍ତି। ହରାରିଙ୍କ ମତରେ, ମଣିଷ ଯେଉଁ କଳ୍ପନା ଓ ଗପ ମାଧ୍ୟମରେ ସଭ୍ୟତା ଗଢ଼ିଥିଲା, ଆଜି ସେହି କଳ୍ପନାକୁ କୃତ୍ରିମ ବୁଦ୍ଧିମତ୍ତା ନିଜ ନିୟନ୍ତ୍ରଣକୁ ନେଇଯାଉଛି। ଏହା ଏକ ଶିକାରୀ ଜାଲ ଭଳି, ଯେଉଁଥିରେ ଶିକାରୀ ନିଜେ ଛନ୍ଦି ହୋଇପଡ଼ିଛି। 'ସର୍ସରର୍ସ ଆପ୍ରେଣ୍ଟିସ' ବା ସେହି ଅପଟୁ ଶିଷ୍ୟର ଗପ ପରି, ଆମେ ଏମିତି ଏକ ଶକ୍ତିକୁ ଜନ୍ମ ଦେଇଛେ ଯାହାକୁ ଅଟକାଇବାର ମନ୍ତ୍ର ଆମକୁ ଜଣା ନାହିଁ। ତଥାପି, ଏହି ସବୁ ଆଶଙ୍କା ଭିତରେ ମଣିଷର ଅସ୍ତିତ୍ୱ ଏକ ବଡ଼ ପ୍ରଶ୍ନବାଚୀ। ହେମିଂୱେଙ୍କ ଭାଷାରେ ମଣିଷ ନଷ୍ଟ ହୋଇଯାଇପାରେ, କିନ୍ତୁ ସେ କେବେ ପରାଜିତ ହୁଏନାହିଁ। ଯଦିଓ ଏହି କୃତ୍ରିମ ଦୁର୍ବୁଦ୍ଧିମତ୍ତା ଆମ ପାଇଁ ଏକ ଭୟଙ୍କର ବିଜ୍ଞାନ-ଗଳ୍ପ ପରି ମନେହୁଏ, କିନ୍ତୁ ଏହି ଗପର ଶେଷ କିଏ ଲେଖିବ, ତାହା ହିଁ ସବୁଠୁ ବଡ଼ ରହସ୍ୟ। କୌଣସି ଯନ୍ତ୍ର ଭିତରେ ମଣିଷକୁ ନଷ୍ଟ କରିବାର ସମସ୍ତ ସୂତ୍ର ଭରିଦେବା ହୁଏତ ସମ୍ଭବ ନୁହେଁ, କିନ୍ତୁ ଏହି ପ୍ରକ୍ରିୟାରେ ମଣିଷ ନିଜର ସତ୍ତା ହରାଇବ ନାହିଁ ତ ? ଏହି ସନ୍ଦେହ ହିଁ ଆଜିର ସମୟର ସବୁଠୁ ବଡ଼ ଦ୍ୱନ୍ଦ୍ୱ।

ମଣିଷ ନିଜ ହାତରେ ଏମିତି ଏକ ଆଇନା ତିଆରି କରିଛି, ଯେଉଁଥିରେ ନିଜର ପ୍ରତିବିମ୍ବ ବଦଳରେ ଏକ ଅଜଣା ଅମାନବୀୟ ସତ୍ତା ଦୃଶ୍ୟମାନ ହେଉଛି। କୃତ୍ରିମ ବୁଦ୍ଧିମତ୍ତାର ଅନିୟନ୍ତ୍ରିତ ନୈତିକ ବିଚାରବୋଧକୁ ନେଇ ଏଲନ ମସ୍କଙ୍କ ଭଳି ଚିନ୍ତକମାନେ ଯେଉଁ ଭୟ ପ୍ରକାଶ କରୁଛନ୍ତି, ତାହା ବେଶ୍ ବିଚିତ୍ର। ମସ୍କ ନିଜେ ଏହି ଜ୍ଞାନକୌଶଳର ଜଣେ ପ୍ରମୁଖ ସ୍ରଷ୍ଟା ହୋଇ ମଧ୍ୟ ଏହାର ବିନାଶକାରୀ ରୂପକୁ ନେଇ ସମସ୍ତଙ୍କୁ ସତର୍କ କରାଉଛନ୍ତି। ଏହି ପରିପ୍ରେକ୍ଷୀରେ ୟୁଭାଲ ନୋଆ ହରାରିଙ୍କ ଚିନ୍ତାଧାରା ଓ ତାଙ୍କର ନୂତନ ପୁସ୍ତକ 'ନେକ୍‌ସସ୍' ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇ ଆସିଛି। ହରାରି ଜଣେ ସାଧାରଣ ଐତିହାସିକ ନୁହନ୍ତି; ସେ ମାନବ ସଭ୍ୟତାର ସେହି ସୂକ୍ଷ୍ମ ସୂତାକୁ ଧରିଛନ୍ତି, ଯାହା ଗତ ୭୦ ହଜାର ବର୍ଷ ଧରି ମଣିଷକୁ ଏହି ପୃଥିବୀର ସର୍ବଶ୍ରେଷ୍ଠ ଜୀବ ଭାବେ ଗଢ଼ି ତୋଳିଛି।

ହରାରିଙ୍କ ବିଶେଷତ୍ୱ ହେଉଛି ସେ ଜଣେ କମ୍ପ୍ୟୁଟର ବିଜ୍ଞାନୀ ନୁହନ୍ତି, ବରଂ ଜଣେ ଇତିହାସକାର। ଜେରୁଜାଲେମର ଶ୍ରେଣୀ ଗୃହରୁ ବାହାରି ତାଙ୍କର ଚିନ୍ତା ଆଜି ବିଶ୍ୱର ସାଧାରଣ ଚେତନାକୁ ଆନ୍ଦୋଳିତ କରୁଛି। ସେ ଦର୍ଶାଇଛନ୍ତି ଯେ ସୂଚନା ନେଟୱର୍କ ଏବଂ କୃତ୍ରିମ ବୁଦ୍ଧିମତ୍ତା କିଭଳି ଆମର ପାରମ୍ପରିକ ବିଶ୍ୱାସ ଓ ସମାଜକୁ ପରିବର୍ତ୍ତନ କରିଦେଇପାରେ। ମଣିଷ ଯେଉଁ ବୁଦ୍ଧି ବଳରେ ପ୍ରକୃତିକୁ ଜୟ କରିଥିଲା, ଆଜି ସେହି ବୁଦ୍ଧି ତା' ପାଇଁ ଏକ ଜାଲ ବିଛାଇଛି। ହରାରିଙ୍କ 'ନେକ୍‌ସସ୍' ପୁସ୍ତକରେ ଏହି ଚିନ୍ତାଧାରାର ଏକ ଗଭୀର ବିଶ୍ଳେଷଣ ରହିଛି, ଯେଉଁଠି ସେ କୃତ୍ରିମ ବୁଦ୍ଧିମତ୍ତାକୁ ଏକ 'ଅମାନବୀୟ' ବା 'ଗ୍ରହାନ୍ତର' ସଭ୍ୟତା ସହ ତୁଳନା କରିଛନ୍ତି। ଏହା କୌଣସି ବାହ୍ୟ ଜଗତରୁ ଆସିନାହିଁ, ବରଂ ଆମ ଭିତରୁ ସୃଷ୍ଟି ହୋଇ ଆମକୁ ହିଁ ଅତିକ୍ରମ କରିବାକୁ ଯାଉଛି।

ହରାରିଙ୍କ ବ୍ୟକ୍ତିତ୍ୱ ଏବଂ ତାଙ୍କର ଦର୍ଶନ ମଧ୍ୟରେ ଏକ ଅଦ୍ଭୁତ ସମନ୍ୱୟ ରହିଛି। ଯେଉଁ ମଣିଷ ପାଖରେ ନିଜସ୍ୱ ସ୍ମାର୍ଟଫୋନଟିଏ ନାହିଁ ଏବଂ ଯିଏ ନିଜର ବିଶ୍ୱପ୍ରସିଦ୍ଧ ପୁସ୍ତକଗୁଡ଼ିକର ପ୍ରଥମ ପାଣ୍ଡୁଲିପି କାଗଜ-କଲମରେ ଲେଖନ୍ତି, ସେ କୃତ୍ରିମ ବୁଦ୍ଧିମତ୍ତାର ଭବିଷ୍ୟତକୁ ନେଇ ସବୁଠୁ ଗମ୍ଭୀର ଚେତାବନୀ ଶୁଣାଉଛନ୍ତି। ତାଙ୍କ ଜୀବନଶୈଳୀ ଜଣେ ଆଧୁନିକ ସନ୍ନ୍ୟାସୀଙ୍କ ପରି- ଭେଗାନ୍ ଆହାର, ବିପାସନା ଧ୍ୟାନ ଏବଂ ଅହିଂସାର ଚରମ ପରାକାଷ୍ଠା। ଅଥଚ, ତାଙ୍କ ଚିନ୍ତାଧାରା ମାନବ ଜାତିର ସବୁଠୁ ବଡ଼ ସଙ୍କଟକୁ ଉନ୍ମୋଚିତ କରୁଛି।

ହରାରିଙ୍କ ମତରେ, ମଣିଷ ସଭ୍ୟତାର ମୂଳଦୁଆ ହେଉଛି 'କାହାଣୀ'। ଧର୍ମଠାରୁ ଆରମ୍ଭ କରି ଟଙ୍କା ପର୍ଯ୍ୟନ୍ତ, ସବୁକିଛି ଆମେ ନିଜେ ଗଢ଼ିଥିବା ସାମୂହିକ ବିଶ୍ୱାସ ବା କାହାଣୀ ମାତ୍ର। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ବା 'ଏଆଇ' କ୍ଷେତ୍ରରେ ଏହି କାହାଣୀ ଏବେ ରୂପ ବଦଳାଇଛି। ଏହା ଆଉ କେବଳ ଏକ ଉପକରଣ ହୋଇ ରହିନାହିଁ; ଏହା ଏମିତି ଏକ ଆଲଗୋରିଦମ ବା ପ୍ରକ୍ରିୟା-ସୂତ୍ର, ଯାହା ମଣିଷର ଅବଚେତନ ମନକୁ ପଢ଼ିପାରୁଛି ଏବଂ ତା'ର ଇଚ୍ଛାକୁ ପୂର୍ବାନୁମାନ କରିପାରୁଛି। ହରାରି ଏହାକୁ 'ମାନବୋତ୍ତର ବୁଦ୍ଧିମତ୍ତା' କହୁଛନ୍ତି, ଯାହା ମଣିଷ ଦ୍ୱାରା ନିର୍ମିତ ହେଲେ ମଧ୍ୟ ମଣିଷର ନିୟନ୍ତ୍ରଣ ବାହାରକୁ ଚାଲିଯିବାର କ୍ଷମତା ରଖେ।

ଆପଣଙ୍କ ଦ୍ୱାରା ବର୍ଣ୍ଣିତ 'ସର୍ସରର୍ସ ଆପ୍ରେଣ୍ଟିସ' ବା ସେହି ଅପଟୁ ଶିଷ୍ୟର ଗପ ଏହି ସ୍ଥିତିକୁ ଖୁବ୍ ପ୍ରାଞ୍ଜଳ ଭାବେ ବୁଝାଇଦିଏ। ଶିଷ୍ୟଟି ମନ୍ତ୍ର ଜାଣିଥିଲା କାମ ଆରମ୍ଭ କରିବା ପାଇଁ, କିନ୍ତୁ ତାକୁ ଅଟକାଇବାର କୌଶଳ ତା' ପାଖରେ ନଥିଲା। ଫଳରେ ଯେଉଁ ଝାଡୁ ସାହାଯ୍ୟ କରିବା କଥା, ସେଇଟି ହିଁ ବିପତ୍ତିର କାରଣ ସାଜିଲା। ଆଜିର 'ଏଆଇ' ମଧ୍ୟ ସେହିଭଳି ଏକ ସ୍ଥିତି ସୃଷ୍ଟି କରୁଛି। ଆମେ ଏକ ବୃହତ ତଥ୍ୟ-ଜାଲ ବିଛାଇଛେ, କିନ୍ତୁ ସେହି ଜାଲରେ ଆମେ ନିଜେ ଛନ୍ଦି ହୋଇଯିବାର ଆଶଙ୍କା ବଢ଼ିବାରେ ଲାଗିଛି। ମଣିଷ ନିଜର ସୁବିଧା ପାଇଁ ଯେଉଁ ଯନ୍ତ୍ର ତିଆରି କଲା, ତାହା ଆଜି ତା'ର ନିଜସ୍ୱ ଅସ୍ତିତ୍ୱକୁ ଆହ୍ୱାନ ଦେଉଛି। ଆପଣଙ୍କର ଏହି ଦୃଷ୍ଟିକୋଣ ଅତ୍ୟନ୍ତ ଆଶାବାଦୀ ଏବଂ ମାନବିକତାର ଶକ୍ତି ଉପରେ ପର୍ଯ୍ୟବସିତ। ସତ୍ୟ-ମିଥ୍ୟା ଓ କଳ୍ପନା-ବାସ୍ତବତା ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ବୁଝିବାରେ ମଣିଷ ହୁଏତ ସଂପୂର୍ଣ୍ଣ ସଫଳ ହୋଇନାହିଁ, କିନ୍ତୁ ଏହି 'ଅସଂପୂର୍ଣ୍ଣତା' ହିଁ ତା'ର ସବୁଠୁ ବଡ଼ ସୁରକ୍ଷା କବଚ। ମଣିଷ କେବଳ ତଥ୍ୟ ବା ସୂତ୍ରରେ ଚାଲେ ନାହିଁ, ସେ ଚାଲେ ବିଶ୍ୱାସ, ଆବେଗ ଏବଂ ଅନ୍ତର୍ନିହିତ ପ୍ରେରଣାରେ, ଯାହା କୌଣସି କୃତ୍ରିମ ବୁଦ୍ଧିମତ୍ତା ବା ଆଲଗୋରିଦମ ପକ୍ଷେ ସଂପୂର୍ଣ୍ଣ ଭାବେ ନକଲ କରିବା ସମ୍ଭବ ନୁହେଁ।

ଆପଣ ଠିକ୍ କହିଛନ୍ତି, 'ମଣିଷ-ନାଶ'ର ସମସ୍ତ ସୂତ୍ର କୌଣସି ଯନ୍ତ୍ର ଭିତରେ ଭରିଦେବା ଏକ ପ୍ରକାର ଅସମ୍ଭବ କଳ୍ପନା। ଯନ୍ତ୍ର ପାଖରେ ଗଣିତ ଅଛି, କିନ୍ତୁ ଜୀବନର ସେହି ରହସ୍ୟମୟ 'ଗପ' କହିବାର ଶୈଳୀ ନାହିଁ। ମେରୀ ସେଲିଙ୍କ 'ଫ୍ରାଙ୍କେନଷ୍ଟାଇନ' ଭଳି ଏହା ଏକ ଆଧୁନିକ ବିଜ୍ଞାନ-ଗପ ହୋଇ ରହିଯାଇପାରେ। ହେମିଂୱେଙ୍କ ସେହି କାଳଜୟୀ ଉକ୍ତି- 'ମଣିଷ ନଷ୍ଟ ହୋଇଯାଇପାରେ, କିନ୍ତୁ ପରାଜିତ ହେବ ନାହିଁ'- ଏହି ପ୍ରସଙ୍ଗରେ ଏକ ଶକ୍ତିଶାଳୀ ପ୍ରତିବାଦ। ଏଆଇ ହୁଏତ ମଣିଷର କାର୍ଯ୍ୟଦକ୍ଷତାକୁ ଅତିକ୍ରମ କରିପାରେ, କିନ୍ତୁ ମଣିଷର ଜିଜ୍ଞାସା ଓ ଜିଇଁବାର ଜିଦ୍‌କୁ ନୁହେଁ। ଆପଣଙ୍କ ଯୁକ୍ତି ଅନୁଯାୟୀ, ଗପଟି ସତ ହେଲା କି ନାହିଁ ତାହା ଦେଖିବା ପାଇଁ ମଣିଷକୁ ତ ବଞ୍ଚି ରହିବାକୁ ହିଁ ହେବ। ଏହି ବଞ୍ଚି ରହିବା ହିଁ ହେଉଛି ପ୍ରକୃତିର ସବୁଠୁ ବଡ଼ ନିୟମ, ଯାହା ସବୁ ପ୍ରକାର 'ଦୁର୍ବୁଦ୍ଧିମତ୍ତା' ଉପରେ ବିଜୟ ଲାଭ କରିଆସିଛି। ଆଜିର ସମୟରେ ଆମେ ଏକ ଅଭାବନୀୟ ଟୁଇଷ୍ଟ ବା ମୋଡ଼ ଆଡ଼କୁ ଗତି କରୁଛୁ। ଯଦିଓ ଏଆଇକୁ ନେଇ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି କରାଯାଉଛି, ତଥାପି ଏହା ମାନବୀୟ ସୃଜନଶୀଳତାର ଏକ ନୂଆ ଅଧ୍ୟାୟ ମଧ୍ୟ ହୋଇପାରେ। ସମସ୍ୟା ଆସିବ, କିନ୍ତୁ ମଣିଷ ନିଜର ସହଜାତ ବୁଦ୍ଧିରେ ସେଥିରୁ ମୁକୁଳିବାର ରାସ୍ତା ମଧ୍ୟ ଖୋଜି ବାହାର କରିବ। ଶେଷରେ, ଏହି ସମଗ୍ର ବିଷୟବସ୍ତୁ ଆମକୁ ଏତିକି ଶିଖାଏ ଯେ- ଯନ୍ତ୍ର ଯେତେ ବୁଦ୍ଧିମାନ ହେଉ ନା କାହିଁକି, ସେ କେବେବି ସେହି 'ସ୍ରଷ୍ଟା'ର ସ୍ଥାନ ନେଇପାରିବ ନାହିଁ, ଯିଏ ଶୂନ୍ୟରୁ ଗପ ତିଆରି କରିବାର କ୍ଷମତା ରଖେ।

ଜାତୀୟ ଚେତନା
JATIYA CHETANA



# ଜୀବନବ୍ୟାପୀ ସାଧନା ପାଇଁ ନିର୍ଭୟ ସଂପାଦକ ନବୀନ ଦାସ ସମ୍ମାନିତ

## 'ଗଣତନ୍ତ୍ରରେ ଗଣମାଧ୍ୟମର ସ୍ୱାଧୀନତା ନାହିଁ'




ଭୁବନେଶ୍ୱର,(ଜା.ପ୍ର): ଯେଉଁ ଗଣତନ୍ତ୍ରରେ ଗଣମାଧ୍ୟମ ଜନହିତ ଓ ରାଜହିତ ମଧ୍ୟରେ ସମନ୍ୱୟ ରକ୍ଷା କରେ, ସେଠାରେ ଦେଶ ସମୃଦ୍ଧ ହୁଏ, ହେଲେ ଯେଉଁ ଗଣତନ୍ତ୍ର ରେ ଗଣମାଧ୍ୟମ ର ସ୍ୱାଧିନତା ନାହିଁ, ସେଠାରେ ବିକଶିତ ଭାରତ ଏକ ସ୍ୱପ୍ନ ବୋଲି କହିଛନ୍ତି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ। ପୁରୀ କ୍ଲବ୍ ସମ୍ମିଳନୀ କକ୍ଷରେ ଶ୍ରୀଶ୍ରୀ କ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ 'ଜନହିତ ନା' ରାଜନୈତିକ ହିତରେ ଆଜି ର ସମ୍ବାଦପତ୍ର'ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା କୁ ଉଦଘାଟନ କରି, ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆଜି ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସରେ ଭାରତବର୍ଷ ଏବେ ବିଶ୍ୱର ୫୨ତମ ସ୍ଥାନକୁ ଖସିଆସିଛି। ଜନହିତ ଓ ଦେଶହିତ ପାଇଁ ସୃଷ୍ଟି ହୋଇଥିବା ଗଣମାଧ୍ୟମ, ଆଉ ଜନଗଣଙ୍କ ବିଶ୍ୱାସ ଭିତରେ ରହିନାହିଁ।ସତ୍ୟ ସମ୍ବାଦ ପରିବେଷଣ କରି ୧୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଗିରଫ ଘଟଣା ଆଜି ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିକୁ ସ୍ମରଣ କରାଉଛି। ଯେଉଁଠି ରାଜନେତା ଓ ଗଣମାଧ୍ୟମ ର ମାଲିକ,ସତ୍ୟ ର କଣ୍ଠରୋଧ କରୁଛନ୍ତି, ସେଠାରେ ଜନହିତ ଆସିବ କେଉଁଠାରୁ। ଯଦି ଦେଶହିତ ପାଇଁ ଉଦ୍ଦିଷ୍ଟ ଗଣମାଧ୍ୟମ ଶିଳ୍ପ ରେ ପରିଣତ ହୋଇ ଲାଭଦାୟକ ନିୟୁଜ୍‌କୁ ନିଜର ପ୍ରଡକ୍ଟ ଭାବେ ସେଠାରେ ସମୃଦ୍ଧ ଭାରତର ସ୍ଥାନ କାହିଁ। ଅନୁଷ୍ଠାନ ତଥା ସମ୍ବାଦପତ୍ରର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିତର୍କରେ ଭାଗ ନେଇ ବିଜେଡିର ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଥିଲେ ଯେ କେବଳ ଦେଶ ନୁହେଁ, ବିଭିନ୍ନ ରାଜ୍ୟରେ ବିଗତ ଅନେକ ବର୍ଷ ଧରି ବିଭିନ୍ନ ସରକାରୀ ଦଳ ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି, ଯଦ୍ୱାରା ବିଶ୍ୱରେ ମିଡ଼ିଆ ର ସ୍ୱଚ୍ଛତାରେ ଭାରତର ସ୍ଥାନ ୧୬୧ରେ ରହିଛି। ବିତର୍କରେ ଯୋଗଦେଇ ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା କହିଥିଲେ ଯେ ଆଜିର ଗଣମାଧ୍ୟମ ଜନଗଣଙ୍କ ଘର ଭାଙ୍ଗୁଛି, ବିଜ୍ଞାପନ ପାଇଁ ସତ୍ୟ ସମ୍ବାଦରୁ ଦୂରେଇ ଯାଇଛି ଏପରିକି ଗଣମାଧ୍ୟମର ନିରବତା ଭିତରେ ଜଣେ ଶିକ୍ଷକ ଏବେ କର୍ମଚାରୀ ପାଲଟିଯାଇଛି।

ମୁଖ୍ୟବକ୍ତା ଭାବେ ଯୋଗଦେଇ କିଟ୍ ସ୍କୁଲ ଅଫ୍ ମାସ୍ କମ୍ୟୁନିକେସନ୍‌ର ଡିନ୍ ଡକ୍ଟର ରାଜୀବ କୁମାର ପଣ୍ଡା କହିଥିଲେ ଯେ ଶୃଙ୍ଖଳିତ ସମାଜ ଓ ବିକଶିତ ଭାରତବର୍ଷ ପାଇଁ ଗଣମାଧ୍ୟମ ରାଜହିତ ସହ ଜନହିତ ପାଇଁ ସମର୍ପିତ ହେବା ଆଜିର ଆବଶ୍ୟକତା। ଶିକ୍ଷାବିତ୍ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ କହିଥିଲେ ଯେ ଏହି ଜନହିତ ଓ ରାଜହିତ ଉଭୟେ ପରିପୂରକ। ହେଲେ ଆଜିର ଶୀର୍ଷକ ସୂଚାଇ ଦେଇଛି ଯେ ଉଭୟଙ୍କ ଭିତରେ ଆଉ ସମ ବିଚାର ନାହିଁ। ବିତର୍କରେ ଭାଗ ନେଇ ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ କହିଥିଲେ ଯେ ଆଜି ଅନୁସନ୍ଧାନ ମୂଳକ ସମ୍ବାଦ ନାହିଁ। ଏଣୁ ଏକ ସମୃଦ୍ଧ ଭାରତବର୍ଷ ପାଇଁ ଗଣମାଧ୍ୟମ ଜନହିତ ପାଇଁ ସମର୍ପିତ ହେବା ଉଚିତ। ଏହି କର୍ମଶାଳାରେ ମତବ୍ୟକ୍ତ କରି ବରିଷ୍ଠ ସ୍ତମ୍ଭକାର ଡକ୍ଟର ବଦ୍ରି ମିଶ୍ର କହିଥିଲେ ଯେ ଲାଭଜନକ ବ୍ୟବସାୟ ପାଇଁ ଗଣମାଧ୍ୟମ ଆଜି ଅପରାଧ କାହାଣୀ, ଅରୁଚିକର ବିଜ୍ଞାପନ ଓ ସିରିଏଲ୍, ପ୍ରେମ କାହାଣୀ, ସାଇବର ଠକେଇର କାହାଣୀ ଭିତରେ ସମାଜକୁ ପଥଭ୍ରଷ୍ଟ କରୁଛି ଓ ମାଲିକର ବିଚାରଧାରାକୁ ନିଃସର୍ତ୍ତ ସହଯୋଗ ଦେଇ ଗଣମାଧ୍ୟମ, ଗଣତନ୍ତ୍ରକୁ ବିପଦ ମୁହାଁ କରୁଛି। ତେବେ ଏକ ଶୃଙ୍ଖଳିତ ସମାଜ ପାଇଁ ସାମ୍ବାଦିକ ର ନିଷ୍ଠାପରତା ଓ କାର୍ଯ୍ୟଦକ୍ଷତା ଅବର୍ଣ୍ଣନୀୟ। ଏହି କାର୍ଯ୍ୟକ୍ରମରେ ଭାଗନେଇ ସିନେ କଳାକାର କେଦାର ମିଶ୍ର କହିଥିଲେ ଯେ ଗଣମାଧ୍ୟମ ଜନହିତ ପାଇଁ ବଦ୍ଧପରିକର ହେବା ଆଜିର ଆବଶ୍ୟକତା। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରଥମ ଅଧିବେଶନରେ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିବା ବେଳେ ଏହାର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ ସମୃଦ୍ଧ ଓଡିଶା ଗଠନ ପାଇଁ ଗଣମାଧ୍ୟମ ରାଜହିତ ଓ ଜନହିତକୁ ସମନ୍ୱୟ କରି ନିର୍ଭିକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଦରକାର। ସମାଜ ରେ ଶୃଙ୍ଖଳା ଓ ରାଜ୍ୟ ର ସମୃଦ୍ଧି ପାଇଁ ଗଣମାଧ୍ୟମ ସେମାନଙ୍କ କଲମ ଓ କ୍ୟାମେରା ଚଳାଇବା ଏବେ ବଡ଼ ଆବଶ୍ୟକତା। ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଚାରିବର୍ଷ ଧରି କର୍ମଶାଳା ମାଧ୍ୟମରେ ଯେପରି ସଚେତନତା ସୃଷ୍ଟି କରୁଛି ତାହା ଉଲ୍ଲେଖନୀୟ। ଏହି ଅଧିବେଶନରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ ଓ ସୂର୍ଯ୍ୟ ରଥ ଯୋଗଦେଇଥିବା ବେଳେ ରାଜେଶ୍ ମହାନ୍ତିଙ୍କ ସଂପାଦନାରେ ଶ୍ରୀଶ୍ରୀ କ୍ଷେତ୍ର ସୂଚନା ସମ୍ବାଦପତ୍ରର ସ୍ୱନକ୍ଷତ୍ର ସଂଖ୍ୟାକୁ ସମସ୍ତ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ଦୀର୍ଘ ୪୨ ବର୍ଷ ଧରି ଜନହିତ ଓ ଦେଶହିତ ପାଇଁ କାର୍ଯ୍ୟରତ, ଅପ୍ରୀତିହତ, ଅବିଚଳିତ ଓ ନିର୍ଭୀକ ସଂପାଦନା ପାଇଁ ଦୈନିକ ସମ୍ବାଦପତ୍ର ନିର୍ଭୟର ସମ୍ପାଦକ ନବୀନ ଦାସଙ୍କୁ ଅତିଥିମାନେ ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଓଡ଼ିଶା ର ବିଶିଷ୍ଟ ଉଦଘୋଷକ ତଥା ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ରଥ ଓ ଡକ୍ଟର ବିଶ୍ୱନାଥ ମିଶ୍ର ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଭରତ କୁମାର ନାୟକ। ପରିଚାଳନାରେ ସହଯୋଗ କରିଥିଲେ ସନ୍ତୋଷ କୁମାର ମହାନ୍ତି, ରାଜକିଶୋର ପାଣିଗ୍ରାହୀ, ଭବାନୀ ଶଙ୍କର ସାହୁ, ବିଦ୍ରୋହ ସିଂ, ରୀତେଶ ମହାନ୍ତି, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ନୃସିଂହ ଦାସ, ଶିବସୁନ୍ଦର ମିଶ୍ର ଓ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ।

# ବଦଳିବ ବିଭିନ୍ନ ସ୍ଥାନର ଇଂରାଜୀ ନାମ: ମୂଳ ଓଡ଼ିଆ ନାମର ହେବ ପୁନରୁଦ୍ଧାର

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ବ୍ରିଟିଶ ଶାସନ କାଳରୁ ପ୍ରଚଳିତ ହୋଇ ଆସୁଥିବା ବିଭିନ୍ନ ସ୍ଥାନର 'ଅପଭ୍ରଂଶ' ଇଂରାଜୀ ନାମକୁ ପରିବର୍ତ୍ତନ କରିବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ସରକାରୀ ସ୍ତରରେ ବ୍ୟବହୃତ ହେଉଥିବା ଭୁଲ ବନାନର ସଂଶୋଧନ କରାଯାଇ ମୂଳ ଓଡ଼ିଆ ନାମର ପୁନରୁଦ୍ଧାର କରାଯିବ। ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ପ୍ରସ୍ତାବ ମାଗିଛନ୍ତି। ଡ. ପାଢ଼ୀଙ୍କ ସୂଚନା ଅନୁସାରେ, ଅନେକ ସ୍ଥାନର ଇଂରାଜୀ ନାମ ମୂଳ ଓଡ଼ିଆ ଉଚ୍ଚାରଣର ବିକୃତ ରୂପ ହୋଇ ରହିଛି। ଏହା କେବଳ ଭାଷାଗତ ତ୍ରୁଟି ନୁହେଁ, ବରଂ ଓଡ଼ିଶାର ସାଂସ୍କୃତିକ ପରିଚୟ ଓ ଓଡ଼ିଆ ଅସ୍ମିତାକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି। ଉଦାହରଣ ସ୍ୱରୂପ, 'ଆଳି' (Aali) ତହସିଲକୁ ଇଂରାଜୀରେ 'AUL' ବୋଲି ଲେଖାଯାଉଛି, ଯାହା ବ୍ରିଟିଶ ସମୟର ଏକ ଭୁଲ ଉଚ୍ଚାରଣ। ଏଭଳି ଅନେକ ଜିଲ୍ଲା, ବ୍ଲକ ଏବଂ ସବ୍-ଡିଭିଜନର ନାମ ସଂଶୋଧନ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ଏହି ପ୍ରସଙ୍ଗରେ ଜିଲ୍ଲାପାଳମାନଙ୍କଠାରୁ ବିସ୍ତୃତ ରିପୋର୍ଟ ମଗାଯାଇଥିବା ବେଳେ ଏପର୍ଯ୍ୟନ୍ତ ୧୩ଟି ଜିଲ୍ଲାରୁ ସୂଚନା ମିଳିଛି। ପ୍ରାପ୍ତ ରିପୋର୍ଟ ଉପରେ ସାଧାରଣ ଜନତା, ବିଧାୟକ ଏବଂ ସାଂସଦମାନଙ୍କ ମତାମତ ମଧ୍ୟ ଗ୍ରହଣ କରାଯାଇଛି। ତେବେ ପୂର୍ବ ରିପୋର୍ଟଗୁଡ଼ିକୁ ପୁନଃ ପରୀକ୍ଷା କରି ନୂତନ ପ୍ରସ୍ତାବ ସହ ଆସନ୍ତା ୭ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ପଠାଇବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖୁବଶୀଘ୍ର ଏହି ସମସ୍ତ ତଥ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ରାଜସ୍ୱ ସଚିବ ସୂଚନା ଦେଇଛନ୍ତି।

## ସବୁଜିମା କର ପରିବେଶକୁ



ଗଛଲତା ବଣ ଜଙ୍ଗଲ ନିମନ୍ତେ
ସୁନ୍ଦର ଦିଶଇ ମହୀ
ଗଛ ଲତା ଆମ ହିତକାରୀ ବନ୍ଧୁ
ସବୁରି ହିତ ସାଧଇ।
ଦିନୁ ଦିନୁ କ୍ଷୟ ହେଉଛି ଜଙ୍ଗଲ
ନଷ୍ଟ ହୁଏ ପରିବେଶ
ସତେଜ ସୁନ୍ଦର ଦିଶେନା ପୃଥିବୀ
ହୋଇଲାଣି ପ୍ରଦୂଷିତ।
ଜଙ୍ଗଲ ଆମର ଅମୂଲ୍ୟ ସମ୍ପଦ
ହୃତ୍‌ପିଣ୍ଡ ପୃଥିବୀର
ଗଛ ଲତା ଆମ ସବୁଜ ହୀରା
କମିଯାଏ ସଂଖ୍ୟା ତା'ର।
ଜଳବାୟୁର ପରିବର୍ତ୍ତନ
ରହୁନାହିଁ ସନ୍ତୁଳନ
କେତେ ବନ୍ୟାବାତ୍ୟା ମରୁଡ଼ିର ଭୟ
ଭୋଗୁଛନ୍ତି ଆଜି ଜନ।
ଏ ସୁନ୍ଦର ସୃଷ୍ଟି ବିଷ ବଳୟରେ
ବଢେ ଅଙ୍ଗାରକାମଳ
ସୁସ୍ଥ ପରିବେଶ ବିନା ଏ ଜୀବନ
ରୋଗ ବ୍ୟାଧିରେ ବିକଳ।
ଗଛର ମହତ୍ୱ ବୁଝି ବୁଝାଇବା
ଗଛଟିଏ ଲଗାଇବା
ସବୁଜିମା କରି ପରିବେଶକୁ
ସୁସ୍ଥରେ ଆମେ ରହିବା।
ପଡ଼ିଆ ଜମିରେ ଲଗାଇବା ଗଛ
ସେ ଆମ ରକ୍ଷା କବଚ
ସବୁଜ ବଳୟ ସୃଷ୍ଟି କରିବାକୁ
ସଭିଏଁ ନେବା ଶପଥ କ୍ଷ
ଗଛ ଲଗାଇବା ସୃଷ୍ଟି ବଞ୍ଚାଇବା
ସଭିଙ୍କ ପାଇଁ ଆହ୍ୱାନ
ସାଧୁଜନ ସମ ବୃକ୍ଷ ହିତକାରୀ
ସାଧେ ଜଗତ କଲ୍ୟାଣ।

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନୁଗୁଳ

## ସ୍ମୃତିର ଅତୁଟ ବନ୍ଧନ

କେତେ ମୁହଁର ଭିଡ଼ ମଧ୍ୟରେ
ତୁ ଥିଲୁ ଏକ ନିରବ ଆଲୋକ,
ରୂପରେ ନୁହେଁ, ମନର ସ୍ପନ୍ଦନରେ
ମୋ ଦିନକୁ କରିଥିଲୁ ସୁନ୍ଦର ଓ
ଶୋଭାମୟ।
ସେମିନାର୍‌ର ସେଇ ପ୍ରଥମ ଦେଖା,
ଅଜଣା କଥାର ଛୋଟ ଆରମ୍ଭ,
ତୋର ନିରବ ହସର ଅର୍ଥ
ମୋ ହୃଦୟ ମାତ୍ର ବୁଝି ପାରୁଥିଲା ସେ।
ଧୀରେ ଧୀରେ ଆତ୍ମୀୟତାର ପଥେ
ଗଢ଼ିଉଠିଲା ଏକ ଅଦୃଶ୍ୟ ସମ୍ପର୍କ।
ତୋ ଚିନ୍ତାର ଗଭୀରତା,
ତୋ ସଂଯମର ଶାନ୍ତ ଗରିମା,
ମୋ ମନକୁ ନିରବରେ ବାନ୍ଧି
ସୃଷ୍ଟି କଲା ଏକ ଅକଥିତ ନିକଟତା।
ନ ଥିଲା କୌଣସି ଦାବି,
ନ ଥିଲା ଅଧିକାରର ଭାର,
ତଥାପି ଆମ ମଧ୍ୟରେ ଥିଲା
ଏକ ଅବିଚ୍ଛିନ୍ନ ସ୍ନେହର ସ୍ୱର।
ଭାଗ୍ୟ ଆମକୁ ଦେଲା ଅଲଗା ମୋଡ଼,
ଜୀବନ ନେଲା ନୂଆ ଦିଗ,
ଦୁହେଁ ହେଲୁ ଘରସଂସାରରେ ବ୍ୟସ୍ତ,
ତଥାପି ମନର କୋଣେ
ରହିଗଲା ସେଇ ସ୍ମୃତିଧ୍ୱନି।
ପଚିଶ ବର୍ଷର ସେଇ ସ୍ମୃତି
ଆଜି ମଧ୍ୟ ଲାଗେ କାଲିର କଥା,
ଛୋଟ ହସ, ନିରବ ଦୃଷ୍ଟି—
ହୃଦୟରେ ଲେଖା ଚିରଅଙ୍କିତ ଗାଥା।
ଆମ ସମ୍ପର୍କରେ ନାହିଁ ସନ୍ଦେହ,
ନାହିଁ କୌଣସି ଅନ୍ଧକାର,
ପବିତ୍ରତାର ଏକ ଶାନ୍ତ ପ୍ରବାହ
ଚାଲିଛି ନିରବ ଭାବେ ଅବିରତ।
ଯେତେବେଳେ ଶବ୍ଦ ହୋଇଯାଏ ନୀରବ ,
ସମୟ ହୋଇଯାଏ କଠୋର,
ସେତେବେଳେ ଆମେ ହେଉ
ପରସ୍ପରଙ୍କ ପାଇଁ ନିରବ ଦୃଢ଼ ଆଧାର।
ଏହା ପ୍ରେମ—
ଆଶା ଅଛି, କିନ୍ତୁ ଆକାଂକ୍ଷା ନାହିଁ,
ସ୍ନେହ ଅଛି, କିନ୍ତୁ ଅଧିକାର ନାହିଁ,
ସ୍ମୃତି ଅଛି, କିନ୍ତୁ ଅଭିଯୋଗ ନାହିଁ।
ସମୟ ବଦଳେ, ପରିସ୍ଥିତି ବଦଳେ,
କିନ୍ତୁ କିଛି ସମ୍ପର୍କ ରହେ ଅମର—
ନିରବ, ସଂଯମୀ, ସ୍ମୃତିର
ଅତୁଟ ବନ୍ଧନରେ ବନ୍ଧା,
ହୃଦୟରେ ସଦାପାଇଁ ଚିରଅଙ୍କିତ ଅକ୍ଷର।

**ତପନ ବିହାରୀ ଭଞ୍ଜ**
ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୪୩୯୮୬୩୮୪୨


## ଦେହ

ଦେହ କ'ଣ ଉଦ୍ଦିଷ୍ଟ
କେବଳ ଉନ୍ମୁକ୍ତ ଉପଭୋଗ ପାଇଁ
ଦେହର ପରିଧି କ'ଣ ଶେଷ ହେଇଯାଏ
ନଗ୍ନତାର ପରିଭାଷାରେ ?
ଦେହ କ'ଣ କେବଳ ଭୋଗ୍ୟ !
ଓଠର ପିପାସା କ'ଣ ମେଣ୍ଟିଯାଏ
ଦେହରେ ବୁଡ଼ିଲେ !
ନାରୀ ଦେହ ବିଭାବରୀକୁ
ଭୋଗ କରିବା ପାଇଁ
ଅନେକ ହାତ ଲମ୍ବିଆସେ,
ଏତେ ଗୁଡ଼ିଏ ସ୍ପର୍ଶ ଭାର
କ'ଣ ଦେହ ସହିପାରେ ?
ଦେହ ପାଇଁ କ'ଣ
କେବଳ ଦେହଜୀବୀ ଲଢ଼ନ୍ତି.
ଲଢ଼ନ୍ତି ଅନେକ ଗୁଳ୍ମ, ଅନେକ କଢ଼
ବାଧ୍ୟ ହୋଇ ପ୍ରତିରୋଧ ଅଭାବରେ
ନିଜ ଦେହରେ କ'ଣ
ଅନ୍ୟର ଅଧିକାର ଥାଏ !
ଦେହ କ'ଣ ଚାଷ ହୋଇପାରେ
ପରମଙ୍କ ଜମି ଅଧିକୃତ କଲା ଭଳି ?
ଜୀବନର ମୂଳଲକ୍ଷ୍ୟକୁ,
ମହାଶକ୍ତିର କେନ୍ଦ୍ର ବିନ୍ଦୁକୁ।

**ମନୀଷା ବିଶ୍ୱାଳ**
ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA





# ପ୍ରେମପୁଷ୍ପ

**ସୁନନ୍ଦା ମହାନ୍ତି**

ମାଆ ସୁଭଦ୍ରାଙ୍କ ସହ ଝିଅ ସ୍ୱାତୀ ତାଜମହଲର ଦକ୍ଷିଣ ପାର୍ଶ୍ୱରେ ବସିଥାଆନ୍ତି। ଅନ୍ୟମାନେ ବୁଲିବୁଲି ଦେଖୁଥାଆନ୍ତି ତାଜମହଲ ସହିତ ଶୁଣୁଥାଆନ୍ତି ଗାଇଡ଼ଙ୍କଠାରୁ ଐତିହାସିକ ତଥ୍ୟ। ସୁଭଦ୍ରା ଓ ଝିଅ ସ୍ୱାତୀ ବୁଲି ବୁଲି ଥକି ପଡ଼ିଥିଲାବେଳେ ବସିଯାଇଥାଆନ୍ତି ଘଡ଼ିଏ। ଆଉ କୋଉ କଥା ମନକୁ ଆସୁନଥାଏ ଏହି କ୍ଷଣି। କେବଳ ପ୍ରେମ। ସେ କେମିତି ଜିନିଷ ଯେ ପ୍ରେମ ପାଇଁ ଏଡ଼େ ବଡ଼ ସ୍ମୃତି ସୌଧ ତାଜମହଲ। ଇତିହାସର ଏ ଅମର ପ୍ରେମ କେତେଜଣଙ୍କୁ ବା ମିଳେ ଜୀବନରେ। ବହୁ ଐତିହାସିକଙ୍କର ଲେଖାରେ ଭିନ୍ନତା ଥିଲେ ମଧ୍ୟ କଥା ଗୋଟିଏ ତାହା ପ୍ରେମ। ଭାବୁ ଭାବୁ ଏତିକି ବେଳକୁ ବୁଲି ବୁଲି ସ୍ୱାମୀଙ୍କ ମୁହଁ ଶୁଖିଯାଇଥାଏ ତ ଆସି ବସିପଡ଼ିଲେ ମାଆ ଝିଅ ବସିଥିବା ସ୍ଥାନରେ କହିଲେ ଦେଖିଲ ପ୍ରେମର ସ୍ମାରକୀ କି ସୁନ୍ଦର। ସୁଭଦ୍ରା କହିଲେ ହଁ ଏ ଶଙ୍ଖ ମର୍ମର ମାର୍ବଲ ତାଜମହଲ ସତରେ ବିଶ୍ୱର ସପ୍ତାଶ୍ଚର୍ଯ୍ୟ। ଝିଅ ସ୍ୱାତୀ ବାପାଙ୍କୁ ପାଣି ବଢ଼େଇ ଦେଉ ଦେଉ କହୁଥିଲା ସେତେବେଳେ ରାଜାମାନେ ତାଙ୍କ ପ୍ରେମକୁ ପାଇବାକୁ କଳ ବଳ କୌଶଳ ପ୍ରୟୋଗ କରି ଯେମିତି ହେଲେ ହାସଲ କରୁଥିଲେ କିନ୍ତୁ ଏବେ ଜାତିପ୍ରଥା, ପରିବାରର କଟକଣା, ଉଚ୍ଚନୀଚ ଭେଦଭାବ ତ ପ୍ରେମକୁ ପ୍ରେମୀ ଯୁଗଳଙ୍କଠାରୁ ଅଲଗା କରିଦେଉଛି। କାହିଁକି ତୋ ଭାଇର ପ୍ରେମକୁ ତ ଆମେ ସ୍ୱୀକୃତି ଦେଇଛୁ କହୁଥିଲେ ସୁଭଦ୍ରା। ହଁ ସେ ଜାତିରେ ପସନ୍ଦ କରିଥିଲା ବୋଲି ସ୍ୱାଧୀ ଆମଘର ବୋହୂ ହୋଇପାରିଲା। ଏତିକି କହିଲା ବେଳକୁ ପୁଅ ଅର୍ଜୁନ ସହ ବୋହୂ ସ୍ୱାଧୀ ଫେରିଆସିଥିଲା ତ ଚୁପ ହୋଇଯାଇଥିଲେ ସମସ୍ତେ।

ସୁଭଦ୍ରା ଜାଣନ୍ତି ଝିଅ ସ୍ୱାତୀ ପ୍ରେମରେ ପଡ଼ିଛି। ପୁଅଟି ଇଞ୍ଜିନିୟର ହେଲେ କ'ଣ ହେବ ଛୋଟ ଜାତି ଓ ତାଙ୍କ ସମକକ୍ଷ ନୁହଁନ୍ତି ପରିବାର। ତେଣୁ କଥାଟା ଆଗକୁ ବଢ଼ିନି ମାନେ ବାପା କି ଭାଇ ଏ ବିଷୟରେ ଜାଣିବାକୁ ପାଇଁନାହାଁନ୍ତି। ପୁଅ ଅର୍ଜୁନ ଓ ଝିଅ ସ୍ୱାତୀ ଯାଆଁଳା ଭାଇଭଉଣୀ। ପୁଅ ଦୁଇ ମିନିଟ୍ ଆଗୁଆ ଜନ୍ମ ହୋଇଥିବାରୁ ବଡ଼ ବୋଲି ସିନା ସବୁ ଏକା ଭଳି। ତାଜମହଲ ବୁଲିବାକୁ ଆସିଲେ କି ଲାଭ ମନ ଯଦି ସଂକୀର୍ଣ୍ଣ ଥିବ ପ୍ରେମର ମୂଲ୍ୟ କ'ଣ ବୁଝିହେବ କହୁଥିଲା ସ୍ୱାତୀ ତ ଚୁପ ରହ କହୁଥିଲେ ସୁଭଦ୍ରା। ବାପା ଭାଇ କିନ୍ତୁ କହୁଥିଲେ ଠିକ କହୁଛି ସିଏ। ତାକୁ କହିବାକୁ ଦିଅ। ସେଇଥିପାଇଁ କି ତ ତୁମେ ରମାକୁ ଆମଘରେ କାମ କରିବାକୁ ରଖିଲନି ନା। ଏଠାରେ ରମା କଥା କାହିଁ ଉଠୁଛି ଯେ ? ଉଠିବନି କେମିତି ରମାର ଝିଅ ଲକ୍ଷ୍ମୀ ପରା ପ୍ରେମ କରି ଅନ୍ୟଜାତିରେ ଯାଇଛି ଶୁଣି ତୁ ରମାକୁ କାମ କରିବାକୁ ରଖିନଥିଲୁ କହୁଥିଲା ଅର୍ଜୁନ। ଏଥିରେ ରମାର କି ଦୋଷ ? ତେବେ କ'ଣ ତା' ଝିଅର ଦୋଷ ବାପା ? ନା ତା' ଝିଅର ମଧ୍ୟ ଦୋଷ ନାହିଁ। ଦୋଷ ହେଲା ଅନ୍ଧବିଶ୍ୱାସର, ଦୋଷ ହେଲା ସଂକୀର୍ଣ୍ଣ ମନୋଭାବର। ଏଥର ଝିଅ ମୁହଁ ଉଜ୍ଜ୍ୱଳ ଦିଶୁଥିଲା ତ ଭାଇ ଅର୍ଜୁନ କହୁଥିଲା ତେବେ ଆମ ଝିଅ ସ୍ୱାତୀ ଅଶୋକକୁ ବିବାହ କଲେ କ୍ଷତି କ'ଣ ? ଆକାଶ ଛିଣ୍ଡି ପଡ଼ିଲା ସୁଭଦ୍ରାଙ୍କ ମୁଣ୍ଡ ଉପରେ ଯେମିତି। ସମସ୍ତେ କଥାଟା ଜାଣିଛନ୍ତି ତେବେ ଭାବି ତାଙ୍କୁ ଖୁବ ଲାଜ ଲାଗୁଥିଲା ବେଳେ ସ୍ୱାମୀ କହୁଥିଲେ ଆରେ ତାଜମହଲ ଆସି ଆଉ କ'ଣ ଶିଖିଲ ? ସୁଭଦ୍ରା ଭାବୁଥିଲେ ଏଇ ଆସୁ ଆସୁ ତ ସେ ଭାବୁଥିଲେ କାଶ ଏମିତି କେହି ପୁରୁଷ ପ୍ରେମ କରି କୋଉ ସ୍ତୀର ମନଜିଣି ତାକୁ ନିଜର କରିନେବା କେଡେ ଭାଗ୍ୟର କଥା ସତରେ। ତେବେ ନିଜ ଝିଅ ପାଇଁ ସେ ଏତେ କଠୋର କାହିଁକି ? ବାପା କହୁଥିଲେ ମାଆ ଏଥର କାମରେ ତାକୁ ସାହାଯ୍ୟ କରିବାକୁ ରମାକୁ ରଖିବାକୁ ରାଜି ହେବ। ପାଖରେ ସ୍ୱାଧୀ ରହୁନି ଆଗକୁ ସ୍ୱାତୀର ବାହାଘର. ନା କଣ କହୁଛୁ ମାଆ ? ପଚାରୁଥିଲା ପୁଅ ଅର୍ଜୁନ। ସୁଭଦ୍ରା ନିରୁତ୍ତର ଥିଲା ବେଳେ ତାଙ୍କ ଅଲକ୍ଷରେ ଭାଇ ଭଉଣୀ ହାଇ ଫାଇ କରୁଥିଲେ ପଛପଟେ। ସୁଭଦ୍ରା ଫେରିଲା ବେଳେ ପଛକୁ ବୁଲି ବୁଲି ତାଜମହଲ ଦେଖି ଦେଖି କହୁଥିଲେ ଯିବାକୁ ଇଛା ହେଉନି। ସତରେ ପ୍ରେମର ମୂଲ୍ୟ ଦେଢ଼ୁଏନା। ସେହିଦିନ ରାତିରେ ସୁଭଦ୍ରା ପଚାରିଥିଲେ ସ୍ୱାମୀଙ୍କୁ ହାଇ ଫାଇ କ'ଣ କିଓ ? ସ୍ୱାମୀ ହସି ହସି କହିଥିଲେ ମୋ ମାଆ ମୋ ବାପାଙ୍କୁ ଦିନେ ଏଇ ଟାଟା ଓ ବାଇ ବାଏର ଅର୍ଥ ପଚାରୁଥିଲା। ଅପେକ୍ଷା କର ନାତି ନାତୁଣୀ ଆସନ୍ତୁ ସେମାନେ ବୁଝେଇଦେବେ।

ତଥାପି ସୁଭଦ୍ରା ପଚାରୁଥିଲେ ସ୍ୱାମୀଙ୍କୁ ତମେ ମତେ କେତେ ପ୍ରେମ କର କୁହନା। ପୁଣି ଥରେ ପୁଅ ବୋହୂ, ଝିଅଜୋଇଁ ଓ ନାତିନାତୁଣୀଙ୍କୁ ନେଇ ତୁମକୁ ତାଜମହଲ ନେବାରେ ଘାଟାରେ ପଡ଼ିଲା ମଣିଷ ଦେଖୁଛି। ଯାଅ ଯାଅ ଦେଖିବ ସେ ବ୍ୟାଗରେ କ'ଣ ଅଛି। ବ୍ୟାଗ୍ ଭିତରେ ଥିବା ନାଲି ରଙ୍ଗର ଶାଢ଼ିଟିକୁ ଦେଖି ସୁଭଦ୍ରା ଖୁବ ଖୁସି ହୋଇଯାଉଥିଲା ବେଳେ ସ୍ୱାମୀ କହୁଥିଲେ କାଲି ଆମ ବାହାଘର ବିବାହ ବାର୍ଷିକୀ ଚଞ୍ଚଳ ଶୋଇଯାଅ। ସତକୁ ସତ ସକାଳୁ ସକାଳୁ ପହଞ୍ଚିଗଲେ ପୁଅବୋହୂ। ସୁଭଦ୍ରାଙ୍କ ପାଇଁ ନେଇଆସିଥିଲେ ଚୁଡ଼ି, ଶାଢ଼ି, ଅଳତା, ସିନ୍ଦୁର, ପାଉଁଜି ଓ ଝୁଣ୍ଟିଆ। ସନ୍ଧ୍ୟାରେ ଝିଅ ସ୍ୱାତୀ ଓ ଜୋଇଁ ଆକାଶ କେକ୍ ନେଇ ପହଞ୍ଚିଲା ପରେ ସୁଭଦ୍ରା ଭାବୁଥିଲେ ତାଜମହଲ ନୁହେଁ ବରଂ ପରିବାର ହିଁ ପ୍ରକୃତ ପ୍ରେମର ସ୍ମାରକୀ। ନାତି ହାତମୁଠାରେ ଥିଲା ଗୋଲାପ ତୋଡ଼ା। ଉପରେ ଲେଖା ହୋଇଥିଲା ଲଭ କିନ୍ତୁ ନାତୁଣୀ ହାତରେ ଥିବା ଫୁଲ ଭିତରେ ଯେଉଁ ଲଭ ଲେଖା ଥିଲା ତାହା କେହି ଲେଖିନଥିଲା ବରଂ ସ୍ରଷ୍ଟାଙ୍କ ସୃଷ୍ଟିର ଏକ ଚମତ୍କାର ଥିଲା। ପାଖୁଡ଼ାଗୁଡ଼ିକ ମୋଡ଼ି ମୋଡ଼ି ହୋଇ ଏପରି ଭ୍ରମ ସୃଷ୍ଟି କରୁଥିଲେ କି ଆଖି ବୁଝିଗଲେ ମନ ବୁଝୁନଥିଲା କି ମନ ବୁଝିଗଲେ ଆଖି ବୁଝୁନଥିଲା। କାହିଁକି କେଜାଣି କିନ୍ତୁ ଏଲଓଭିଇ ପରି ନିଶ୍ଚୟ ଲେଖାଥିଲା। ବାହାରେ ମଧ୍ୟ ଖୁବ ବର୍ଷା ପଡ଼ୁଥିଲା ସେଦିନ ଭଳି ଯେମିତି ସ୍ୱାମୀ ଆଶୁତୋଷ ବରବେଶ ହେଲାବେଳେ ଓ ସୁଭଦ୍ରାଙ୍କ ସହ ବେଦୀରେ ହାତଗଣ୍ଠି ପଡ଼ିଲା ବେଳେ ଢାଳୁଥିଲା ଅମୃତବାରି।

ଏ ଭିତରେ ଦିନ, ବାର, ମାସ ବର୍ଷ ବିତୁଥିଲା ତା' ବାଟରେ ଓ ସମୟ ବୟସକୁ ନିମିତ୍ତ ମାତ୍ର ଗୋଟେ ଗାଣିତିକ ସଂଖ୍ୟା କରି ଅଟକି ଯାଇଥିଲା ଆଶୁତୋଷ ଓ ସୁଭଦ୍ରାଙ୍କ ପାଖରେ। ପୁଅର ପୁଅ ନାତି ବାବା ସେହି ଝିଅକୁ ହିଁ ବାହା ହୋଇଥିଲା ଯୋଉ ଝିଅ ନାତି ବାବାର ଚାକିରିରୁ ଲେ ଅଫ ପରେ ମଧ୍ୟ ନାତିକୁ ହିଁ ଜୀବନ ସାଥି ରୂପେ ବାଛି ଜର୍ମାନ ଯିବାକୁ ମନା କରିଦେଇଥିଲା। ସେହିଭଳି ଝିଅ ସ୍ୱାତୀର ଝିଅ ଡୁଗୁର ବିବାହ ସ୍ଥିର ହେବା ପରେ ଯାଇଥିଲା ନିଜ ଡାହାଣ ହାତର ପାପୁଲିରେ ଥିବା ଛଅଟି ଆଙ୍ଗୁଠିରୁ ବୁଢ଼ା ଅଙ୍ଗୁଷ୍ଠିରେ ଥିବା ଅଧିକା ଅଙ୍ଗୁଠିଟିକୁ ଅପରେସନ କରାଇବାକୁ ତ ଝଡ଼ ପରି ଭାବି ସ୍ୱାମୀ ଆକାଶ ସେଠି ପହଞ୍ଚି ଆଙ୍ଗୁଠିଟିକୁ ଅପରେସନ କରିବାରୁ ଡୁଗୁକୁ ନିବୃତ୍ତ ରଖିଥିଲା। କାରଣରେ କହିଥିଲା ମୋର ଯଦି କିଛି ଅସୁବିଧା ନାହିଁ ତୁମ ଦାହାଣ ପାପୁଲିର ସେଇ ଅଧିକା ଆଙ୍ଗୁଠି ଅପରେସନ ହେବା କ'ଣ ଦରକାର। ଡୁଗୁ ଉତ୍ତର ଦେଇଥିଲା ସେଇଟି ସୌନ୍ଦର୍ଯ୍ୟ ହାନିର କାରଣ ହେଉଛି ତ ଆକାଶ କହିଥିଲେ ତାହା ବିୟୁଟି ସ୍ପଟ୍ । ନ ହେଲେ ସେଇ ଗୀତଟିର ମୂଲ୍ୟ ନାହିଁ। କୋଉ ଗୀତ ପୁଅ ବୋଲି ପଚାରିଦେଇଥିଲେ ସୁଭଦ୍ରା ତ ନାତୁଣୀ ଜୋଇଁ ଆକାଶ କହିଥିଲେ ସେଇ, ଗାରଉ ଗାରଉ ଗାରେଇଦେଲି ପାପୁଲିରେ ତୋ ନାଆଁ। ହସରେ ଫାଟି ପଡୁଥିଲା ବେଳେ ଆଶୁତୋଷ କହୁଥିଲେ ଏଥର ବୁଝିଲ ଭାଲେଣ୍ଟାଇନର ଅର୍ଥ ତ ଆଶୁତୋଷଙ୍କ ଖୋଲା ମୁଠାରେ ନିଜ ଖୋଲା ମୁଠା ବାଡେଇ ଓ ହାଇ ଫାଇ କହି ସୁଭଦ୍ରା କହୁଥିଲେ ଖାଲି କ'ଣ ଭାଲେଣ୍ଟାଇନ, ଏମିତି ଅନେକ ପ୍ରେମର କଥା ମୁଁ ଜାଣିଗଲିଣି।

ସେଦିନ ସୁଭଦ୍ରା ଯେବେ ସଂସାର ଛାଡ଼ି ଚାଲିଗଲେ ସମସ୍ତେ କାନ୍ଦୁଥିଲେ କିନ୍ତୁ ଆଶୁତୋଷ କହୁଥିଲେ ସେ ଶୋଇଯାଉ ତା' ପାଇଁ ପ୍ରେମ ଫୁଲର ଶେଜ ପ୍ରସ୍ତୁତ କରିଦିଅ। ସବୁବେଳେ କହୁଥିଲା ସେ ଯଦି ଆଗ ଯାଏ ତେବେ ମୋର ତା' ପ୍ରତି ପ୍ରେମ ଥିଲା ବୋଲି ସେ କୁଆଡ଼େ ପ୍ରମାଣ କରିଦେବ। କିନ୍ତୁ ସେ ଜାଣେନା ମୁଁ ଆଗ ଯାଇଥିଲେ ପୁଅଟେ ହୋଇ ଜନ୍ମ ନେଇ ପୁଣି ଅଠାର ଛ ପର୍ଯ୍ୟନ୍ତ ଲେଖିବା, ଏକ ଠାରୁ ଶହେ ଯାଏଁ ଗଣିବା, ପଣିକିଆ ଶିଖି ଶିଖି ପାଠ ପଢ଼ି ମାଟ୍ରିକ୍, ଗ୍ରାଜୁଏସନ, ଡିପ୍ଲୋମା କି ଡିଗ୍ରୀ କରି ଚାକିରି କରି ବିବାହ ଯୋଗ୍ୟ ହେଲାବେଳକୁ ସେ ପଛରେ ଯାଇ ମତେ ସ୍କୁଲ କି କଲେଜ କି ଉଚ୍ଚଶିକ୍ଷା ସମୟରେ ବା ଚାକିରୀ କଲାପରେ କୋଉଠି ନା କୋଉଠି ଭେଟି ପ୍ରେମ କରି ପୁଣି ବିବାହ କରି ଆରଜନ୍ମରେ ସାଥି ରୂପେ ପାଇଥାଆନ୍ତା। ଏତିକି ନବୁଝି ଆଗୁଆ ଚାଲିଗଲା, ଆଉ କ'ଣ ତାକୁ ପାଇହେବ। ସବୁବେଳେ ପଚାରେ ଏଇ ପୁରୁଷ ଲୋକମାନେ ଆଗ କାହିଁକି ମରିଯାଆନ୍ତି ସ୍ତ୍ରୀ ଆଗରୁ! ପାଗଳିଟା ବୁଝିନଥିଲା ଆଗୁଆ ମରନ୍ତି ଏଇଥିପାଇଁ କି ପୁଣି ନିଜକୁ ପ୍ରସ୍ତୁତ କରୁଥାନ୍ତି ଆରଜନ୍ମରେ ଏ ଜନ୍ମର ପ୍ରେମ ପାଇବା ପାଇଁ। ନାତି,ନାତୁଣୀ,ନାତୁଣୀ ଜୋଇଁ ଓ ନାତୁଣୀ ବୋହୂ ସମସ୍ତେ ଆଶୁତୋଷଙ୍କ ଏପରି ପ୍ରେମର ବାଖ୍ୟା ଶୁଣି ଶୁଣି ସ୍ତବ୍ଧ ହୋଇ କିଛି କହିବା ପାଇଁ ଚାହୁଁଥିଲେ। କଥାଟା ଏମିତି ହୁଅନ୍ତାନି ଯେମିତି କି ସ୍ତ୍ରୀ ଯଦି ଆଗେ ଚାଲିଯାଏ ସେ ପୁରୁଷ ହୋଇ ଜନ୍ମ ନେଲେ ପଛରେ ସ୍ୱାମୀ ପର ଜନ୍ମରେ ସ୍ତ୍ରୀ ହୋଇ ତା ପ୍ରେମକୁ ପାଇପାରନ୍ତା। କିନ୍ତୁ ସେମାନଙ୍କୁ କିଛି କହିବାର ସୁଯୋଗ ଦେଇନଥିଲେ ବଡ଼ମାନେ କେବଳ ଅନୁଭବ କରୁଥିଲେ ପ୍ରେମରେ ବିରହ ଭାରି କଷ୍ଟ। ସହିହୁଏନା କି କହିହୁଏନା।

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ପ୍ରାୟଶ୍ଚିତ

ଗାଁ ମୁଣ୍ଡରେ ଥିବା ସେହି ବିଶାଳ ବରଗଛଟିକୁ କାଟିବା ପାଇଁ ସହରରୁ ଠିକାଦାର ଆସି ପହଞ୍ଚିଲେ। ଗାଁର ଯୁବକ ଶ୍ୟାମ କୁରାଢ଼ି ଧରି ପ୍ରଥମ ଚୋଟଟି ପକାଇବାକୁ ଯାଉଥିବା ବେଳେ, ତାର ବୁଢ଼ା ଜେଜେବାପା ଦୌଡ଼ି ଆସି ତାକୁ ଅଟକାଇଲେ।

ଶ୍ୟାମ ବିରକ୍ତ ହୋଇ କହିଲା, 'ଜେଜେ, ଏଠି ଫ୍ୟାକ୍ଟ୍ରି ହେବ, ଆମ ଗାଁର ଉନ୍ନତି ହେବ। ଏଇ ପୁରୁଣା ଗଛଟାକୁ ରଖି କ'ଣ ମିଳିବ ?'

ଜେଜେବାପା ଧୀର ସ୍ୱରରେ କହିଲେ, 'ରେ ପୁଅ, ଏଇ ଗଛଟି ତୋ ବାପା ଆଉ ମୁଁ ମିଶି ଲଗାଇଥିଲୁ। ଯେଉଁଦିନ ତୁ ଜନ୍ମ ହେଲୁ, ସେଦିନ ଏଇ ଗଛର ଛାଇରେ ହିଁ ତୋତେ ଶୁଆଇ ଦିଆଯାଇଥିଲା। ଏଇଟା କେବଳ ଗଛ ନୁହେଁ, ଏଇଟା ଆମ ପରିବାରର ଏକ ସଦସ୍ୟ।'

ଶ୍ୟାମ ଶୁଣିଲାନି। ଗଛଟି କଟା ହେଲା। କିଛି ବର୍ଷ ପରେ ସେଠାରେ ଫ୍ୟାକ୍ଟ୍ରି ତିଆରି ହେଲା, କିନ୍ତୁ ଗାଁର ପାଣି ପବନ ସବୁ ବିଷାକ୍ତ ହୋଇଗଲା। ଦିନେ ପ୍ରବଳ ଗରମରେ ଶ୍ୟାମର ନିଜ ପୁଅ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କଲା। ତାକୁ ଟିକେ ଥଣ୍ଡା ପବନ ଦେବା ପାଇଁ ଶ୍ୟାମ ଚାରିଆଡ଼େ ଚାହିଁଲା, କିନ୍ତୁ କେଉଁଠି ହେଲେ ଗୋଟିଏ ଗଛର ଛାଇ ନଥିଲା।

ସେଦିନ ଶ୍ୟାମ ଆଖିରୁ ଲୁହ ଝରିପଡ଼ିଲା। ସେ ବୁଝିପାରିଲା ଯେ, ଉନ୍ନତି ନାଁରେ ଆମେ ପ୍ରକୃତିକୁ ହତ୍ୟା କରି ନିଜ ଭବିଷ୍ୟତର ଛାଇକୁ ହିଁ କାଟି ଦେଇଛୁ।

ସ୍ନେହଲତା ମହାଲିକ
ଛତ୍ରପୁର, ଗଞ୍ଜାମ

## ପ୍ରବୃତ୍ତ ନିବୃତ୍ତ



ପ୍ରବୃତ୍ତ ହିଁ ସତ୍ୟ ନିବୃତ୍ତ ମିଥ୍ୟା।
ପ୍ରବୃତ୍ତିର ପରିତୃପ୍ତି ଲାଗି
ମଣିଷ ଭିଆଏ ଯାବତୀୟ ଅପକର୍ମ
ପିନ୍ଧେ ଛଳନାର ମୁଖା
ଉପରକୁ ଦେଖାଏ ତିଉଡିକଳ
ବୋଲୁଥାଏ ନିଜକୁ ଶାଳଗ୍ରାମ ।
ନିବୃତ୍ତ ହିଁ କୃତ୍ରିମ
ନିର୍ମିତ ନିର୍ମୋକ ବୃଦ୍ଧାବେଶ୍ୟା
ତପସ୍ୱିନୀ ନୀଳବର୍ଣ୍ଣ ଓହ୍ଲେଇଗଲେ
ଆମେ ଚଞ୍ଚକତାପୂର୍ଣ୍ଣ ଶୃଗାଳ
ପୀୟୂଷ ଟିକକ ଉତୁରିଗଲେ
ସେଇ ପରିଚିତ ଆଦିମ ହଳାହଳ।

ଗୋପୀନାଥ ଦାଶ
ବ୍ରାହ୍ମଣକୁଣ୍ଡହିଡ଼, ଆଙ୍କୁଲାଟଟୀ, ଖୋର୍ଦ୍ଧା
ମୋ: ୮୦୧୮୮୮୧୪୧୧

## ପିତାମାତାଙ୍କୁ କର୍ତ୍ତବ୍ୟ



ପିତାମାତା ଆମ ଜୀବନ ତରୀ
ତାଙ୍କୁ କେବେ ଯିବାନାହିଁ ପାଶୋରି ॥
ବିପଦେ ଆପଦେ ତାଙ୍କରି ନାମ
ଜପିଲେ କ୍ଲିଷ୍ଟ ଦୂରହେବ ଆମ ॥
ଜନ୍ମ ଦେଇ କଲେ ଏତିକି ବଡ଼
ତାଙ୍କ ସେବାରେ ଆମେ ହେବା ବଡ଼ ॥
ବୃଦ୍ଧ କାଳେ ହେବା ତାଙ୍କ ସାହାରା
ସେବା କରି ହେବା ଦୁଃଖ ପାଶୋରା ॥
କେବେ ତାଙ୍କ ମନେ ନଦେବା କଷ୍ଟ
ତାଙ୍କୁ ସଦା ଆମେ କରିବା ତୁଷ୍ଟ ॥
ବୃଦ୍ଧାଶ୍ରମ କଥା ନଆଣି ମନେ
ସାଥିରେ ରଖିବା ସଦା ଯତନେ ॥
ସକଳେ ସଞ୍ଜରେ କର ପ୍ରଣତୀ
ସର୍ବ କାର୍ଯ୍ୟେ ହେବ ଆମ ଉନ୍ନତି ॥
ଜୀବନ ଯାତ୍ରାର ଆମ୍ଭେ ନାଉରୀ
ପିତା ମାତା ଆମ୍ଭ ଜୀବନ ତରୀ ॥

ଦିଗମ୍ବର ବେହେରା
କୁମୁଟିଗୁଡ଼ା, ମାଲକାନଗିରି

ଜାତୀୟ ଚେତନା
JATIYA CHETANA



## 'ସମୃଦ୍ଧ ଓଡ଼ିଶା' ପାଇଁ ବଜେଟ୍ ରୋଡ୍ ମ୍ୟାପ୍

# ବିରୋଧୀଙ୍କୁ କଡ଼ା ଜବାବ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟ୍ ଉପରେ ବିଧାନସଭାରେ ନିଜର ଉତ୍ତର ରଖି ବିରୋଧୀଙ୍କ ସମାଲୋଚନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ବିରୋଧୀ ଦଳଗୁଡ଼ିକ ଗଠନମୂଳକ ଆଲୋଚନା କରିବା ପରିବର୍ତ୍ତେ କେବଳ ରାଜନୀତି କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏହି ବଜେଟକୁ 'ସମୃଦ୍ଧ ଓଡ଼ିଶା' ନିର୍ମାଣ ପାଇଁ ଏକ ବଳିଷ୍ଠ 'ରୋଡ୍ ମ୍ୟାପ୍' ଭାବେ ଅଭିହିତ କରିଛନ୍ତି। ଏଥିରେ ବିଶେଷ କରି ଗରିବ, ମହିଳା, ଯୁବବର୍ଗ ଓ ଅନ୍ନଦାତା ବା ଚାଷୀମାନଙ୍କ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।



ଏହି ବଜେଟରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ଆକଳନ କରାଯାଇଥିବା ବେଳେ ସେଥିମଧ୍ୟରୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ପାଇଁ ରଖାଯାଇଛି, ଯାହା ମୋଟ ବଜେଟର ପ୍ରାୟ ୫୮ ପ୍ରତିଶତ। ପୁଞ୍ଜି ବ୍ୟୟ ପାଇଁ ୭୨,୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ରାଜ୍ୟ ଘରୋଇ ଉତ୍ପାଦର ୬.୫ ପ୍ରତିଶତ ଏବଂ ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ରହ୍ମପୁର-ଜୟପୁର ରାଜପଥ, ନମୋ ଏକ୍ସପ୍ରେସ୍-ୱେ ଏବଂ ଅଟଳ ଏକ୍ସପ୍ରେସ୍-ୱେ ଭଳି ବୃହତ ପ୍ରକଳ୍ପମାନ ହାତକୁ ନିଆଯାଇଛି। ସେହିପରି ଗୁଣାତ୍ମକ ଶିକ୍ଷା ପାଇଁ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି।

ଚାଷୀଙ୍କ ସୁବିଧା ପାଇଁ ଆବର୍ତ୍ତନ ପାଣ୍ଠିକୁ ୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ୧୫ ଲକ୍ଷ ମେଟ୍ରିକ୍ ଟନର ଗୋଦାମ ଘର ଓ ୧୦୦ଟି ଆଦର୍ଶ ମଣ୍ଡି ନିର୍ମାଣ କରାଯିବ। ମହିଳାଙ୍କ ସଶକ୍ତିକରଣ ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳା' ଯୋଜନା ମାଧ୍ୟମରେ କନ୍ୟା ସନ୍ତାନମାନଙ୍କ ପାଇଁ ୨୦ ହଜାର ଟଙ୍କାର ସଞ୍ଚୟ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୩,୧୮୨ କୋଟି ଟଙ୍କାର ବ୍ୟୟବରାଦ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷମତାର ବ୍ୟାପକ ସମ୍ପ୍ରସାରଣରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, ୨୦୨୭ ଡିସେମ୍ବର ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ 'ମିଶନ ପାୱାର' ଅଧୀନରେ ବିଜୁଳି, ସଡ଼କ ଓ ପାନୀୟ ଜଳ ଯୋଗାଇ ଦିଆଯିବ। ବଜେଟ୍ ଅର୍ଥ ଖର୍ଚ୍ଚ ହୋଇନାହିଁ ବୋଲି ବିରୋଧୀଙ୍କ ଅଭିଯୋଗକୁ ସେ ପରିସଂଖ୍ୟାନ ଜରିଆରେ ଭ୍ରାନ୍ତ ବୋଲି ପ୍ରମାଣ କରିଛନ୍ତି।

# 'ମୋ ବସ୍'ର ଆୟ ତୁଳନାରେ ବ୍ୟୟ ଦୁଇ ଗୁଣା

ଭୁବନେଶ୍ୱର,(ଜା.ପ୍ର): ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର 'ମୋ ବସ୍' ସେବାର ଆର୍ଥିକ ସ୍ଥିତି ସମ୍ପର୍କରେ ଏକ ଚିନ୍ତାଜନକ ତଥ୍ୟ ଉପସ୍ଥାପନ କରିଛନ୍ତି। ମନ୍ତ୍ରୀଙ୍କ କହିବା ଅନୁସାରେ, ଏହି ସାର୍ବଜନୀନ ପରିବହନ ସେବାର ହାଲ୍ ବେହାଲ ହେବାକୁ ବସିଛି, କାରଣ ଏହାର ଆୟ ତୁଳନାରେ ବ୍ୟୟର ପରିମାଣ ପ୍ରାୟ ଦୁଇ ଗୁଣା ଅଧିକ ରହିଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ 'ମୋ ବସ୍'ରୁ ୩୮ କୋଟି ୨୫ ଲକ୍ଷ ଟଙ୍କା ଆୟ ହୋଇଥିବା ବେଳେ ବ୍ୟୟ ହୋଇଥିଲା ୫୦ କୋଟି ୯୨ ଲକ୍ଷ ଟଙ୍କା। କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷ ବେଳକୁ ଏହି ବ୍ୟବଧାନ ବହୁତ ବଢ଼ିଯାଇଛି। ଚଳିତ ବର୍ଷ ଏହି ସେବାରୁ ୧୫୬ କୋଟି ୫୨ ଲକ୍ଷ ଟଙ୍କା ଆୟ ହୋଇଥିବା ବେଳେ ପରିଚାଳନା ବ୍ୟୟ ୨୬୫ କୋଟି ଟଙ୍କାରେ ପହଞ୍ଚିଛି।

୨୦୧୮ ମସିହାରୁ ୨୦୨୫ ଡିସେମ୍ବର ଶେଷ ସୁଦ୍ଧା ମୋ ବସ୍ ଚଳାଚଳରୁ ମୋଟ ୬୮୬ କୋଟି ୫୦ ଲକ୍ଷ ଟଙ୍କା ସଂଗୃହୀତ ହୋଇଥିବା ବେଳେ ଏହାର ପରିଚାଳନା ପାଇଁ ୧୦୫୯ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ମନ୍ତ୍ରୀଙ୍କ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି ଯେ, ଆରମ୍ଭରୁ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ହେଲେ ବର୍ଷରେ 'ମୋ ବସ୍' ସେବା ଲାଭଜନକ ହୋଇନାହିଁ। ଏହି ବସ୍ ସେବାକୁ ଜାରି ରଖିବା ପାଇଁ ରାଜ୍ୟ ସରକାର ଏପର୍ଯ୍ୟନ୍ତ କ୍ରୁଟ୍‌କୁ ମୋଟ ୧୧୧୯ କୋଟି ୪୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଆୟ ତୁଳନାରେ ବ୍ୟୟର ଏହି ବିଶାଳ ପରିମାଣ ପରିବହନ ସେବାର ଆର୍ଥିକ ସ୍ଥିରତା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଧାନସଭା ବଜେଟ୍ ଅଧିବେଶନ, ୩୧ରେ ପାରିତ ହେବ ବିନିଯୋଗ ବିଲ୍

ଭୁବନେଶ୍ୱର,(ଜା.ପ୍ର): ସପ୍ତଦଶ ବିଧାନସଭାର ଷଷ୍ଠ ତଥା ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ବାଚସ୍ପତି ସୁରମା ପାଢ଼ୀ ଫେବୃଆରୀ ୨୫ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଏହି ବିରତି ସମୟରେ ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟିଗୁଡ଼ିକ ବଜେଟ୍ ପ୍ରସ୍ତାବ ଉପରେ ନିଜ ନିଜର ରିପୋର୍ଟ ପ୍ରସ୍ତୁତ କରିବେ। ଫେବୃଆରୀ ୧୭ରୁ ଆରମ୍ଭ ହୋଇଥିବା ଏହି ଅଧିବେଶନରେ ଗତ ୨୦ ତାରିଖରେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ।

ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମାର୍ଚ୍ଚ ୯ରେ ଗୃହରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ କରାଯିବ। ଏହାପରେ ମାର୍ଚ୍ଚ ୧୦ରୁ ୨୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବ। ମାର୍ଚ୍ଚ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ବଜେଟ୍ ଅନୁମୋଦନ ପାଇଁ ଗୃହର ଅନୁମତି ଲୋଡ଼ିବେ ଏବଂ ମାର୍ଚ୍ଚ ୩୧ ତାରିଖରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିନିଯୋଗ ବିଲ୍ ଆଗତ କରାଯାଇ ପାରିତ ହେବାର କାର୍ଯ୍ୟସୂଚୀ ରହିଛି। ସୁରକ୍ଷା ଦୃଷ୍ଟିରୁ ବିଧାନସଭା ପରିସରରେ କଡ଼ା ତ୍ରିସ୍ତରୀୟ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଖୁବ୍ ଶୀଘ୍ର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତିମଣତି

ଭୁବନେଶ୍ୱର,(ଜା.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଖୋଲି ଖୁବଶୀଘ୍ର ରତ୍ନ ଅଳଙ୍କାର ମଣତିଗଣତି କରାଯିବ। ଏଥିପାଇଁ ଦୁଇଟି ସ୍ୱତନ୍ତ୍ର କମିଟି ଗଠନ ସହ ୧୪ ପୃଷ୍ଠାର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର)କୁ ଅନୁମୋଦନ ମିଳିଛି। ହାଇକୋର୍ଟଙ୍କ କଠୋର ଆଭିମୁଖ୍ୟ ପରେ ପ୍ରାୟ ୨୮ବର୍ଷ ପରେ ରତ୍ନଭଣ୍ଡାରର ରତ୍ନଅଳଙ୍କାର ମଣତିଗଣତି ହେବା ନେଇ ମାର୍ଗ ପ୍ରଶସ୍ତ ହୋଇଛି ।

ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରତ୍ନଭଣ୍ଡାରର ଅଳଙ୍କାର ଗଣତି ଓ ଏହାର ଠିକ୍ ମୂଲ୍ୟାୟନ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦୁଇଟି ପୃଥକ ଦଳ ତଦାରଖ ଏବଂ କାର୍ଯ୍ୟବାହୀ ଦଳ ଗଠନ କରାଯାଇଛି। ତଦାରଖ ଦଳ ସମ୍ପୂର୍ଣ୍ଣ କାର୍ଯ୍ୟର ଅନୁଧ୍ୟାନ କରିବେ।

ତଦାରଖ ଦଳର ସଦସ୍ୟମାନେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରି ଅଳଙ୍କାରଗୁଡ଼ିକର ଗଣତି ଓ ମୂଲ୍ୟାୟନ କାର୍ଯ୍ୟ କରିବେ। ଉଭୟ ଦଳିରେ ମୁଖ୍ୟ ପ୍ରଶାସକ ରହିବେ। ତଦାରଖ ଦଳରେ ଉଚ୍ଚସ୍ତରୀୟ କମିଟିର ଦୁଇଜଣ ଏବଂ ରତ୍ନଭଣ୍ଡାର ସବ୍‌କମିଟିର ଜଣେ ସେବକ ସଦସ୍ୟ ରହିବେ। କାର୍ଯ୍ୟବାହୀ ଦଳରେ ମୁଖ୍ୟ ପ୍ରଶାସକ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ, ପରିଚାଳନା କମିଟି ସେବାୟତ ସଦସ୍ୟ, ପାଟଯୋଶୀ ମହାପାତ୍ର, ଦେଉଳକରଣ, ତଢଉକରଣ ଏବଂ ଶ୍ରୀମନ୍ଦିର ବଣିଆ ରହିବେ। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ବଣିଆଙ୍କ ତାଲିକା ମଗାଯିବ। ରତ୍ନଭଣ୍ଡାରରେ ମୋତି ମାଣିକ୍ୟ ରହିଛି। ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଦୁଇଜଣ ଅଧିକାରୀରୁ ଜଣେ ରହିବେ। ପ୍ରତ୍ୟେକ ପ୍ରକ୍ରିୟାର ଭିଡ଼ିଓଗ୍ରାଫି କରାଯିବ। ୧୦ ଜଣ ରହିବେ ଗଣତି ମଣତି କାର୍ଯ୍ୟରେ। ୧୯୭୮ ମସିହାରେ ଯେଉଁ ୭୨ ଦିନ ଗଣତି ମଣତି ହୋଇଥିଲା। ୧୯୮୨ ଓ ୮୫ କିଛି ଅଳଙ୍କାର ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ ବାହାରିଥିଲା। ଚଳନ୍ତି ରତ୍ନଭଣ୍ଡାରର ପ୍ରଥମେ ଗଣତି ମଣତି କରାଯିବ। ପରେ ବାହାର ରତ୍ନଭଣ୍ଡାର ଗଣତି ମଣତି କରାଯିବ। ଶେଷରେ ଭିତର ରତ୍ନଭଣ୍ଡାର ଗଣତି ମଣତି କରାଯିବ। ସମସ୍ତ ଅଳଙ୍କାର ର ନାମକରଣ କରାଯିବ। ବିଭିନ୍ନ ଅଳଙ୍କାର ବିଭିନ୍ନ ସିନ୍ଦୁକରେ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଗଣତିମଣତି ସମୟରେ ବାହାରକାଠ ନିକଟରୁ ଦର୍ଶନ ହେବ। ପାଳିଆ ସେବକ କେବଳ ନୀତି କାନ୍ତି ପାଇଁ ଯାଇପାରିବେ। ଆସନ୍ତା ସପ୍ତାହରେ ପରିଚାଳନା କମିଟି ବୈଠକ ବସିବ। ବୈଠକରେ ଅନୁମୋଦନ ହେବା ପରେ ରତ୍ନ ଅଳଙ୍କାର ଗଣତି ମଣତି ହେବ ବୋଲି ସୂଚନା ମିଳିଛି। ରତ୍ନଭଣ୍ଡାର ଗଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆସନ୍ତା ମାର୍ଚ୍ଚ ମାସରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରାୟ ୧୩୫ ଦିନର କ୍ୟାଲେଣ୍ଡରକୁ ଅନୁଧ୍ୟାନ କରିଛନ୍ତି। ସେଥିରୁ ପ୍ରାୟ ୧୦୦ ଦିନ ବିଭିନ୍ନ ପର୍ବପର୍ବାଣୀ, ରଥଯାତ୍ରା ଭଳି ବଡ଼ ନୀତିକାନ୍ତି ଓ ଶନିବାର-ରବିବାର ପଡୁଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ରହିବ, ଯେଉଁଥିପାଇଁ ଏସବୁ ଦିନଗୁଡ଼ିକ ମଣତିଗଣତି ପାଇଁ ଅନୁପଯୁକ୍ତ। ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରତିଶ୍ରୁତି ମୁତାବକ ପ୍ରାୟ ୪୬ ବର୍ଷ ପରେ ୨୦୨୪ ଜୁଲାଇ ୧୪ତାରିଖରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ରତ୍ନଭଣ୍ଡାର ଭିତରେ ଥିବା ସମସ୍ତ ସୁନା ଓ ରୁପା ଅଳଙ୍କାରକୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇ ମନ୍ଦିର ପରିସରରେ ଥିବା ଏକ ଅସ୍ଥାୟୀ 'ଷ୍ଟ୍ରଙ୍ଗ ରୁମ'କୁ ସ୍ଥାନାନ୍ତର କରାଯିବା ସହ ରତ୍ନଭଣ୍ଡାର କୋଠରୀର କାନ୍ଥ ଓ ଛାତର ସ୍ଥିତି ଯାଞ୍ଚ କରି ଆବଶ୍ୟକ ମରାମତି କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି।

# ମାର୍ଚ୍ଚ ୩୧ ସୁଦ୍ଧା ସରିବ ଧାନ କିଣା; ଚାଷୀଙ୍କୁ ମିଳିଲାଣି ୧୮,୫୮୬ କୋଟି ଟଙ୍କା

ଭୁବନେଶ୍ୱର,(ଜା.ପ୍ର): ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀଙ୍କଠାରୁ ସରକାର ଧାନ କିଣିବେ ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀଙ୍କ କହିବା ଅନୁସାରେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୫ ଲକ୍ଷ ଚାଷୀଙ୍କଠାରୁ ୬୪ ଲକ୍ଷ ୧୦ ହଜାର ମେଟ୍ରିକ୍ ଟନ୍ ଧାନ କିଣାଯାଇ ସାରିଛି। ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହାରରେ ଚାଷୀଙ୍କୁ ଏପର୍ଯ୍ୟନ୍ତ ୧୮,୫୮୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବିରୋଧୀଙ୍କୁ ଟାର୍ଗେଟ୍ କରି ମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ବିଜେଡି ସରକାରଙ୍କ ସମୟରେ ୨୦୨୩-୨୪ ବର୍ଷରେ ପ୍ରାୟ ୫ ଲକ୍ଷ ଚାଷୀ ପଞ୍ଜିକୃତ ହୋଇଥିଲେ ମଧ୍ୟ ସେମାନେ ନିଜର ଧାନ ବିକ୍ରି କରିପାରିନଥିଲେ। କିନ୍ତୁ ବର୍ତ୍ତମାନର ସରକାର ସବୁ ଚାଷୀଙ୍କ ଧାନ କିଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ କୌଣସି ବି ଚାଷୀଙ୍କ 'ଟୋକନ୍' ଲାପ୍‌ସ (ନଷ୍ଟ) ହେବ ନାହିଁ। ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତଙ୍କ ଧାନ କ୍ରୟ ପ୍ରକ୍ରିୟା ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

# ଲିଙ୍ଗିପୁର ସୁପରମାର୍କେଟ୍‌ରେ ଅଗ୍ନି-ତାଣ୍ଡବ

ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱର ଲିଙ୍ଗିପୁର ନିକଟରେ ଥିବା ଏକ ପ୍ରତିଷ୍ଠିତ ଚାରି ମହଲା ସୁପରମାର୍କେଟରେ ରାତିରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ସହରବାସୀଙ୍କୁ ସ୍ତବ୍ଧ କରିଦେଇଛି। ରାତି ପ୍ରାୟ ୧୦ଟା ସମୟରେ ବିଲଡିଂର ଦ୍ୱିତୀୟ ମହଲାରୁ ଆରମ୍ଭ ହୋଇଥିବା ଏହି ନିଆଁ ଦେଖୁ ଦେଖୁ ଉଗ୍ର ରୂପ ଧାରଣ କରି ତୃତୀୟ ଓ ଚତୁର୍ଥ ମହଲାକୁ ବ୍ୟାପି ଯାଇଥିଲା। ଅଗ୍ନିଶମ ବାହିନୀର ୬୦ରୁ ଅଧିକ ଅଗ୍ନିଯୋଦ୍ଧା ଏବଂ ୪୦ରୁ ଅଧିକ ଦମକଳ ଗାଡ଼ିର ପ୍ରାୟ ୨୦ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଛି। ମାତ୍ର ଏହି ଦୀର୍ଘ ସମୟର ଅଗ୍ନି-ତାଣ୍ଡବରେ ସୁପରମାର୍କେଟରେ ଥିବା କୋଟି କୋଟି ଟଙ୍କାର ବ୍ୟବସାୟିକ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି।

ଏହି ଅଭାବନୀୟ ଘଟଣାରେ ନିଆଁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଥମ କରି ରୋବୋଟିକ ମନିଟର, ବ୍ରୋଣ୍ଟୋ ସ୍କାଇ ଲିଫ୍ଟ ଏବଂ ଫୋମ୍ ଜେନେରେଟର ଭଳି ଅତ୍ୟାଧୁନିକ ଯନ୍ତ୍ରପାତିର ସାହାଯ୍ୟ ନିଆଯାଇଥିଲା। ବିଲଡିଂଟି ଚାରିପଟୁ ବନ୍ଦ ଥିବା ସହ ପ୍ରବେଶ ଓ ପ୍ରସ୍ଥାନ ପାଇଁ ମାତ୍ର ଗୋଟିଏ ସଂକୀର୍ଣ୍ଣ ପଥ ଥିବାରୁ ଅଗ୍ନିଶମ କର୍ମଚାରୀଙ୍କ ପାଇଁ ନିଆଁକୁ ରୋକିବା ଏକ ବଡ଼ ଆହ୍ୱାନ ସାଜିଥିଲା। ପ୍ରାୟ ୫୦ରୁ ଅଧିକ ଟ୍ରିପ୍ ପାଣି ମାଡ଼ କରାଯିବା ପରେ ମଧ୍ୟ ନିଆଁର ପ୍ରକୋପ କମିନଥିଲା। ପ୍ରବଳ ଉତ୍ତାପ ଯୋଗୁଁ ବିଲଡିଂର କାନ୍ଥ ଓ ଛାତରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି, ଯାହାକୁ ନେଇ ଅଗ୍ନିଶମ ଡିଜି ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ବିଲଡିଂଟି ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଇଞ୍ଜିନିୟରମାନେ ଯାଞ୍ଚ କରିବେ।

ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲାର ସୁଶାନ୍ତ କୁମାର ବାରିକଙ୍କ ମାଲିକାନାରେ ଥିବା ଏହି ବିଲଡିଂକୁ ବ୍ୟବସାୟୀ ସୁବାସ ଗଜପତି ଭଡ଼ାରେ ନେଇ ସୁପରମାର୍କେଟ ଚଲାଉଥିଲେ। ବିଲଡିଂର ବିଭିନ୍ନ ମହଲାରେ ଖାଦ୍ୟ ସାମଗ୍ରୀ, ପ୍ଲାଷ୍ଟିକ ଏବଂ ଅନ୍ୟାନ୍ୟ ଦ୍ରବ୍ୟର ବଡ଼ ଗୋଦାମ ରହିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଏହା ସର୍ଟ ସର୍କିଟ୍‌ରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। କୋଟି କୋଟି ଟଙ୍କାର ସମ୍ପତ୍ତି ଆଖି ଆଗରେ ପାଉଁଶ ହୋଇଯିବା ଘଟଣା ବ୍ୟବସାୟୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି।

ଜାତୀୟ ଚେତନା
JATIYA CHETANA



# ୱେଷ୍ଟଇଣ୍ଡିଜ୍‌କୁ ହରାଇ ବିଶ୍ୱକପ୍ ସେମିରେ ଭାରତ



କୋଲ୍‌କାତା(ଏଜେନ୍ସି): ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଭାରତ ଚଳିତ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ସ୍ଥାନୀୟ ଇଡେନ୍ ଗାର୍ଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଅନ୍ତିମ ତଥା ନିର୍ଣ୍ଣାୟକ ସୁପର୍-୮ ମ୍ୟାଚ୍‌ରେ ଟିମ୍ ପୂର୍ବତନ ଚାମ୍ପିଅନ୍ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟ୍‌ରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ ପାଇଥିବା ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୧୯୫ ରନ୍ କରିଥିଲା। ଜବାବରେ ୱିକେଟ୍‌କିପର୍ ବ୍ୟାଟର୍ ସଞ୍ଜୁ ସାମ୍‌ସନ୍‌ଙ୍କ ଅପରାଜିତ ୯୭ ରନ୍ ବଳରେ ଭାରତ ୧୯.୨ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୯୯ ରନ୍ କରି ବିଜୟୀ ହୋଇଛି। ଏବେ ସେମିଫାଇନାଲ୍ ଭାରତ ମାର୍ଚ୍ଚ ୫ ତାରିଖରେ ଇଂଲଣ୍ଡକୁ ଭେଟିବ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ପକ୍ଷରୁ କ୍ୟାପ୍‌ଟେନ୍ ଶାଇ ହୋପ୍ ଏବଂ ରୋଷ୍ଟନ୍ ଚେଜ୍ ଆକ୍ରମଣାତ୍ମକ ଆରମ୍ଭ ସହ ୬୮ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ହୋପ୍ (୩୨ ରନ୍)ଙ୍କୁ କ୍ଲିନ୍ ବୋଲ୍ଡ କରି ବରୁଣ ଚକ୍ରବର୍ତ୍ତୀ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଏହାପରେ ଗୋଟିଏ ଓଭର୍‌ରେ ଶିମରନ୍ ହେଟ୍‌ମାୟର୍ (୨୭) ଏବଂ ରୋଷ୍ଟନ୍ ଚେଜ୍ (୪୦ ରନ୍)ଙ୍କୁ ଆଉଟ୍ କରି ଜସ୍‌ପ୍ରୀତ୍ ବୁମ୍‌ରା ଇଣ୍ଡିଜ୍ ରନ୍ ଗତିରେ ବ୍ରେକ୍ ଲଗାଇଥିଲେ। ପରେ ୧୫ଶ ଓଭର୍‌ରେ ଶେରଫେନ୍ ରଦରଫୋର୍ଡ (୧୪)ଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ରଦରଫୋର୍ଡ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୧୧୯ ରନ୍ ଥିଲା। କିନ୍ତୁ ଏହାପରେ ରୋଭ୍‌ମାନ୍ ପାୱେଲ୍ (୩୪) ଏବଂ ଜେସନ୍ ହୋଲ୍ଡର (୩୭) ଅପରାଜିତ ପଞ୍ଚମ ୱିକେଟ୍ ପାଇଁ ୩୫ ବଲ୍‌ରେ ୭୬ ରନ୍ ଯୋଡ଼ି ଇଣ୍ଡିଜ୍ ସ୍କୋର୍ ୧୯୫ ରନ୍‌ରେ ପହଞ୍ଚାଇଥିଲେ। ୧୯୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଭାରତର ଆରମ୍ଭ ଭଲ ନଥିଲା। ଅଭିଷେକ ଶର୍ମା ଓ ଇଶାନ୍ କିଶନ୍ ୧୦-୧୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ୪୧ ରନ୍‌ରେ ୨ ୱିକେଟ୍‌ର ପତନ ପରେ ଓପ୍ନର୍ ସଞ୍ଜୁ ସାମ୍‌ସନ୍ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କ ସହ ୫୮ ରନ୍ ଯୋଡ଼ି ଇନିଂସ୍ ସମ୍ଭାଳିଥିଲେ। ସୂର୍ଯ୍ୟା ୧୬ ବଲ୍‌ରେ ୧୮ ରନ୍ କରି ଆଉଟ୍ ହେବାପରେ ତିଳକ ବର୍ମା ୧୫ ବଲ୍‌ରେ ୨୭ ରନ୍ ଯୋଡ଼ିଥିଲେ। ମାତ୍ର ସଞ୍ଜୁ ଗୋଟିଏ ପଟେ ତିଷ୍ଠିରହି ଟିମ୍‌କୁ ବହୁ ଆକାଂକ୍ଷିତ ବିଜୟ ଦେଇଥିଲେ। ସେ ୫୦ ବଲ୍‌ରେ ୧୨ ଚୌକା ଓ ୪ ଛକା ସହାୟତାରେ ୯୭ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ଏହା ପୂର୍ବରୁ ସେ ତିଳକ ବର୍ମାଙ୍କ ସହ ୪୨, ହାର୍ଦ୍ଦିକ ପାଣ୍ଡ୍ୟା (୧୭)ଙ୍କ ସହ ୩୮ ଏବଂ ଶୁଭମ୍ ଦୁବେ (୮*)ଙ୍କ ସହ ୨୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହି ମ୍ୟାଚ୍ ବିଜୟୀ ଇନିଂସ୍ ପାଇଁ ସଞ୍ଜୁଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

# ତୃତୀୟ ମହିଳା ଦିନିକିଆ: ୧୮୫ ରନ୍‌ରେ ହାରିଲା ଭାରତ

ହୋବାର୍ଟ(ଏଜେନ୍ସି): ହୋବାର୍ଟରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ମହିଳା ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ କ୍ୟାପ୍‌ଟେନ୍ ଏଲିସା ହିଲି ନିଜ ଦିନିକିଆ କ୍ୟାରିୟର୍‌ଙ୍କୁ ଚମତ୍କାର ଅନ୍ଦାଜରେ ଅଲ୍‌ବିଦା କହିଛନ୍ତି। ୩୫ ବର୍ଷୀୟା ମହାନ୍ ୱିକେଟ୍‌କିପର୍-ବ୍ୟାଟର ୧୫୮ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳି କେବଳ ମ୍ୟାଚ୍‌କୁ ଏକତରଫା କରିନଥିଲେ, ବରଂ ଭାରତ ବିପକ୍ଷରେ ସିରିଜ୍ ୩-୦ରେ କ୍ଲିନ୍ ସ୍ୱିପ୍ ସୁନିଶ୍ଚିତ କରିଛନ୍ତି। ୪୦୯ ରନ୍‌ର ବିଶାଳ ସ୍କୋର୍ ଜବାବରେ ଭାରତୀୟ ଟିମ୍ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହେବା ସହିତ ୧୮୫ ରନ୍‌ରେ ମ୍ୟାଚ୍ ହାରିଛି। ହିଲି ଏବେ ପର୍ଥରେ ହେବାକୁ ଥିବା ଏକମାତ୍ର ପିଙ୍କ୍ ବଲ୍ ଟେଷ୍ଟ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କରୁ ଅଲ୍‌ବିଦା କହିବେ। ହୋବାର୍ଟର ଭେଲେରିଭ୍ ଓଭାଲ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଅଷ୍ଟ୍ରେଲିଆ ମହିଳା ଟିମ୍‌ର ୭ ୱିକେଟ୍ ବିନିମୟରେ ୪୦୯ ରନ୍‌ର ବିଶାଳ ସ୍କୋର୍ ଛିଡ଼ା କରିଥିଲା। ପ୍ରଥମରୁ ଫୋଏବ୍ ଲିଚ୍‌ଫିଲ୍ଡ (୧୪ ରନ୍) ଶୀଘ୍ର ଆଉଟ୍ ହୋଇଯାଇଥିଲେ। ମାତ୍ର ହିଲି ଏବଂ ଜର୍ଜିୟା ଭୋଲ୍ ଦ୍ୱିତୀୟ ୱିକେଟ୍ ପାଇଁ ୧୩୪ ରନ୍ ଯୋଡ଼ି ଇନିଂସ୍ ସମ୍ଭାଳିଥିଲେ। ଭୋଲ୍ ୫୨ ବଲ୍‌ରେ ୭ ଚୌକା ଓ ଗୋଟିଏ ଛକା ସହାୟତାରେ ଦ୍ରୁତ ୬୨ ରନ୍‌ର ଇନିଂସ୍ ଖେଳିଥିଲେ। ଏହାପରେ ବେଥ୍ ମୁନିଙ୍କ ସହ ହିଲି ତୃତୀୟ ୱିକେଟ୍ ପାଇଁ ୧୪୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ହିଲି ୯୮ ବଲ୍‌ରେ ୨୭ ଚୌକା ଏବଂ ଦୁଇଟି ଛକା ଦମ୍‌ରେ ୧୫୮ ରନ୍ କରି ସ୍ନେହ ରାଣାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟର୍‌ର ଅଷ୍ଟମ ଶତକୀୟ ଇନିଂସ୍। ମୁନି ୮୪ ବଲ୍‌ରେ ୧୦ ଚୌକା ଓ ଗୋଟିଏ ଛକା ବଳରେ ୧୦୬ ରନ୍‌ରେ ଅପରାଜିତ ଫେରିଥିଲେ। ଶେଷ ଆଡ଼କୁ ନିକୋଲା କେରୀ ୧୫ ବଲ୍‌ରେ ଦ୍ରୁତ ୩୪ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀ ଓ ସ୍ନେହ ରାଣା ୨-୨ ୱିକେଟ୍ ନେଇଥିବା ବେଳେ ରେଣୁକା ଠାକୁର, ଦୀପ୍ତି ଶର୍ମା ଓ କାଶ୍‌ଭୀ ଗୌତମଙ୍କୁ ୧-୧ ସଫଳତା ମିଳିଥିଲା। ୪୧୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ଭାରତର ଭାଇସ୍ କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନା ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ୍ ଫେରିଥିଲେ। ପ୍ରତୀକା ରାୱଲ୍ ଜେମିମା ରଡ୍ରିଗ୍ସ ୫୪ ରନ୍‌ର ପାର୍ଟନରଶିପ୍ କରି କିଛିଟା ଆଶା ସଞ୍ଚାର କରିଥିଲେ। କିନ୍ତୁ ପ୍ରତୀକା (୨୭) ଆଉଟ୍ ହେବା ପରେ ଚାପ ବୃଦ୍ଧି ପାଇଥିଲା। ଜେମିମା ୪୨ ରନ୍‌ର ଉପଯୋଗୀ ଇନିଂସ୍ ଖେଳି ଆସ୍‌ଲେ ଗାର୍ଡନର୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର୍ (୨୫) ଏବଂ ହରଲିନ୍ ଦେଓଲ୍ (୧୪) ମଧ୍ୟ ବଡ଼ ଇନିଂସ୍ ଖେଳିପାରି ନଥିଲେ। କୌର୍‌ଙ୍କୁ ଅଲାନା କିଙ୍ଗ୍ ଏଲ୍‌ବିଡବ୍ଲ୍ୟୁ କରିଥିଲେ। ମଧ୍ୟକ୍ରମରେ ଲଗାତାର ୱିକେଟ୍ ପତନ ଫଳରେ ଭାରତ ପ୍ରତ୍ୟାବର୍ତ୍ତନ କରିପାରି ନଥିଲା। ଶେଷ ଆଡ଼କୁ ସ୍ନେହ ରାଣା ସଂଘର୍ଷପୂର୍ଣ୍ଣ ୪୪ ରନ୍‌ର ଇନିଂସ୍ ଖେଳିଥିଲେ।

## FORM-1
## DECLARATION
**( See Rule 3)**

I, **Soubhagya Kumar Mohanty** declare that I am the printer and publisher of the Newspaper entitled **"JATIYA CHETANA"** to be printed & published at Bhubaneswar and that particulars in respect of the said Newspaper given hereunder are true to the best of my knowledge and belief.

| | | |
|---|---|---|
| 1. | Title of The Newspaper | : **JATIYACHETANA** |
| 2. | Language in which to be published | : Odia |
| 3. | Periodically of its publication | : Weekly |
| a) | whether a daily, weekly, fortnightly or otherwise | |
| b) | In case of a daily, please state whether it is a morning or evening newspaper | : NA |
| c) | In case of a newspaper other than daily, please state the days or dates on which it is published | : On every Monday |
| 4. | Retail selling price to the Newspaper copy | : Rs. 4/- (Four) |
| | a) if the newspaper is for free distribution please state that it is for free distribution | : No |
| | b) if, it has only an annual subscription and no retail price please state the Annual subscription. | : No |
| 5. | Publisher Name | : **Soubhagya Kumar Mohanty** |
| | Nationality | : Indian |
| | Address | : Plot No- 1189, Nilakantha Nagar Routray Colony, Nayapalli, Bhubaneswar-12, Dist- Khordha |
| 6. | Place of publication | : Plot No- 511, Nayapalli Ps. Nayapalli, Bhubaneswar-12 Dist-Khordha |
| 7. | Printers Name | : **Soubhagya Kumar Mohanty** |
| | Nationality | : Indian |
| | Address | : Plot No- 1189, Nilakantha Nagar Routray Colony, Nayapalli, Bhubaneswar-12, Dist- Khordha |
| 8. | Name of Printing Press | : Ray Publications, Plot No 17, Rajarani, Lewis Road, Bhubaneswar- 751014 Dist- Khordha |
| 9. | Editor's Name | : **Tapan Bihari Bhanja** |
| | Nationality | : Indian |
| | Address | : Plot No- A 106, Nayapalli Bhubaneswar-12, Dist- Khordha |
| 10. | Owners Name | : **Tapan Bihari Bhanja** |
| a) | Please state the particulars of individual(s) or the firm/joint stock company Trust cooperative society or associate which owner the Newspaper. | : Individual |
| 11. | Please state whether the declaration in respect of : | |
| a) | A new newspaper, or | |
| b) | An existing newspaper | ; Yes |
| c) | In case the declaration falls under item (b), the reason for filing the fresh declaration, due to change of Editor and periodicity change of Printing Press. | |

**Dt. 02-3-26**

**Soubhagya Kumar Mohanty**
Publisher, Printer

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ